ସକାଳ
THE SAKALA



**ଆକ୍ସନ ମୋଡ୍‌ରେ ଗୋପ ତହସିଲ୍‌ଦାର; ଇଟାଭାଟି ଭଙ୍ଗା ଅଭିଯାନ**

# ନଷ୍ଟ କଲେଣି ୫ ଲକ୍ଷରୁ ଅଧିକ ଇଟା

ଗୋପ,୨୪।୨(ସମିସ)



ଗୋପ ତଥା ଆଖପାଖ ଅଞ୍ଚଳରେ ମାତ୍ରାଧିକ ଇଟାଭାଟି ପୋଡ଼ାହେବା କାରଣରୁ ପରିବେଶ ଦୂଷିତ ହେବାରେ ଲାଗିଛି। ସେହିପରି ଉତ୍ତାପ ମଧ୍ୟ ବୃଦ୍ଧି ପାଉଛି। ଏ ନେଇ ବିଭିନ୍ନ ଅଭିଯୋଗ ପାଇବା ପରେ ଗୋପ ତହସିଲ୍‌ଦାର ସୂର୍ଯ୍ୟ ଶଙ୍କର ଦାସ ଆରମ୍ଭ କରିଛନ୍ତି ମିଶନ ଇଟାଭାଟି। ମିଶନ ଇଟାଭାଟି ଜରିଆରେ ତହସିଲ୍‌ଦାର ଶ୍ରୀ ଦାସ

## ମାଟି ମାଫିଆଙ୍କ ମଧ୍ୟରେ କୋକୁଆ ଭୟ

ବିଭିନ୍ନ ସ୍ଥାନରେ ଥିବା ପ୍ରାୟ ୫ ଲକ୍ଷରୁ ଊର୍ଦ୍ଧ୍ୱ ଇଟାକୁ ନଷ୍ଟ କରିଥିବାବେଳେ ବିଭିନ୍ନ ସ୍ଥାନରେ ଇଟା ପୋଡ଼ା ଯାଉଥିବା ଭାଟିକୁ ମଧ୍ୟ ଦମକଳ ବାହିନୀ ସହାୟତାରେ ନିଆଁକୁ ଲିଭାଯାଇ ନଷ୍ଟ କରାଯାଇଥିବା ଦେଖିବାକୁ ମିଳିଛି। ସେହିପରି ସରକାରୀ ଜମିରୁ ବେଆଇନ ମାଟି ଚାଲାଣକାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯିବା ଯୋଗୁଁ ମାଟି ମାଫିଆଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି ହୋଇଛି।

ସୂଚନା ମୁତାବକ, ଗୋପ ତହସିଲ୍ ଅଞ୍ଚଳରେ ବ୍ୟାପକ ପରିମାଣର ଚୋରା ମାଟି ଓ ବାଲି କାରବାର ହେଉଥିବାବେଳେ ଦିନକୁ ଦିନ ବେଆଇନ ଇଟାଭାଟି ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଥିଲା। ଗୋପ ତହସିଲ୍ ଅଧୀନ ଗୋପ, ନାଗପୁର, ମଦରଙ୍ଗ, ଯଉଁଳିପୋଖରୀ, ଛଇତନା, ବାଲିଗୁରୁଡ଼ି ସମେତ ଆଉ କେତେକ ସ୍ଥାନରେ ବେଆଇନ ଭାବେ ମାଟି ଇଟା ପକାଯାଇ ପୋଡ଼ା ଚାଲୁଥିବା ଅଭିଯୋଗ ହୋଇଥିଲା। ତହସିଲ୍‌ଦାର ଜେସିବି ମେସିନ୍ ଓ ପାଣି ସାହାଯ୍ୟରେ ଇଟାଭାଟିଗୁଡ଼ିକୁ ନଷ୍ଟ କରିଥିବାବେଳେ ମଙ୍ଗଳବାର ଜୁଣେଇ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ଅଧୀନ ବଡ଼ତରା ନିକଟ ବାଲିଗୁରୁଡ଼ି ସମେତ ଆଉ କେତେକ ସ୍ଥାନରୁ ଲକ୍ଷାଧିକ ଇଟା ନଷ୍ଟ କରାଯାଇଥିବା ଜଣାପଡ଼ିଛି। ସେହିପରି ଗୋପ, ଡଭାର, ଶିସୋ, ନାଗପୁର, ମଦରଙ୍ଗ, ସାରଡ଼ା, କୁହୁରା, ବନାଖଣ୍ଡି, ଅଚୁତପୁର, ବଡ଼ତରା ଆଦି ସ୍ଥାନରେ ବେଆଇନ ଭାବେ ସରକାରୀ ଜାଗାରୁ ମାଟି ଓ ବାଲି ଚାଲାଣ କରାଯାଉଥିବା ଯୋଗୁଁ ବିଭିନ୍ନ ସମୟରେ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେଉଛି। ଏନେଇ ବିଭିନ୍ନ ଗଣମାଧ୍ୟମରେ ବାରମ୍ବାର ଖବର ପ୍ରକାଶିତ ହେବା ପରେ କାର୍ଯ୍ୟରେ ନିୟୋଜିତ ଥିବା ୩ଟି ଟ୍ରାକ୍ଟରକୁ ତହସିଲ୍‌ଦାର ଜବତ କରିଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ବେଆଇନ ଭାବେ ସରକାରୀ ଜାଗାରୁ ମାଟି ବିକ୍ରି କରୁଥିବା ମାଫିଆଙ୍କୁ ଧରିବାରେ ପ୍ରଶାସନ ଅସଫଳ ହୋଇଛି। ଗାଡ଼ି ଜବତ ପରେ ମଧ୍ୟ ରାଜରାସ୍ତା ଉପରେ ରାସ୍ତା ପାର୍ଶ୍ୱର୍ରେ ଘରୋଇ ଜାଗାରେ ମାଟି ପକାଯାଇ ପୋତା ଯାଉଥିବା ଦେଖିବାକୁ ମିଳିଛି। ଚଢ଼ଉ ପୂର୍ବରୁ କେତେକ ତଳିଆ କର୍ମଚାରୀ ମାଟି ମାଫିଆମାନଙ୍କୁ ସିଧାସଳଖ ଖବର ଦେଉଥିବାରୁ ଚଢ଼ଉ ସଫଳ ହୋଇପାରୁନାହିଁ। ବିନା ସୂଚନାରେ ଅଚାନକ ଚଢ଼ଉ କରାଗଲେ ବେଆଇନ ମାଟି, ବାଲି ଚାଲାଣ ଉପରେ ରୋକ୍ ଲଗାଯାଇ ପାରିବ ବୋଲି ସାଧାରଣରେ ମତ ପ୍ରକାଶ ପାଇଥିବାବେଳେ ଲକ୍ଷ ଲକ୍ଷ ଟଙ୍କା ରାଜସ୍ୱ ଆଦାୟ କରାଯାଇପାରିବ ବୋଲି ବୁଦ୍ଧିଜୀବୀମାନେ ମତବ୍ୟକ୍ତ କରିଛନ୍ତି। ଏ ସମ୍ପର୍କରେ ଗୋପ ତହସିଲ୍‌ଦାର ସୂର୍ଯ୍ୟ ଶଙ୍କର ଦାସଙ୍କୁ ପଚାରିବାରେ ସେ କୁହନ୍ତି, ଆଗାମୀ ଦିନରେ ଚଢ଼ଉକୁ ଜୋର୍‌ଦାର୍ କରାଯିବ।

## କଣାସ ଅଞ୍ଚଳରେ ମାଲମାଲ ଇଟାଭାଟି; ପ୍ରଶାସନ ନିରବ

କଣାସ: ଇଟାଭାଟି ପ୍ରଦୂଷଣ ଯୋଗୁଁ ରାଜ୍ୟ ସରକାର ରାଜ୍ୟର ବିଭିନ୍ନ ସ୍ଥାନରେ ଥିବା ବେଆଇନ ଇଟାଭାଟି ଭାଙ୍ଗିବାରେ ଲାଗିଛନ୍ତି। ପୁରୀ ଜିଲ୍ଲା କଣାସ ବ୍ଲକ୍ ଗଡ଼ବଳଭଦ୍ରପୁର ଗ୍ରାମ ପଞ୍ଚାୟତର ବୋତଲମା ଗ୍ରାମ ନିକଟରେ ଦୟା ଓ ମକରା ନଦୀପଠାରେ ମାଲମାଲ ଇଟାଭାଟି ଥିବାବେଳେ ବୋତଲମା ପ୍ରାଥମିକ ବିଦ୍ୟାଳୟ ସମ୍ମୁଖରେ ମଧ୍ୟ ଇଟାଭାଟି



ଚାଲିଛି। ଇଟାଭାଟି ଯୋଗୁଁ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଅତିଷ୍ଠ ହୋଇ ପଡ଼ିଛନ୍ତି। ଇଟାଭାଟି ଯୋଗୁଁ ବାୟୁ ପ୍ରଦୂଷିତ ହେଉଥିବାରୁ ଗ୍ରାମବାସୀମାନେ ଅତିଷ୍ଠ ହୋଇପଡ଼ିଲେଣି। ଏ ସମ୍ପର୍କରେ ସରକାରୀ କର୍ମକର୍ତ୍ତାମାନଙ୍କୁ ଜଣାଇଥିବା ଗ୍ରାମର କେତେକ ବ୍ୟକ୍ତି କୁହନ୍ତି। ଏ ସମ୍ପର୍କରେ କଣାସ ତହସିଲ୍‌ଦାର ହିମାଂଶୁ ଶେଖର ଗିରିଙ୍କୁ ପଚାରିବାରୁ ସେ କୁହନ୍ତି, ମୋତେ କେତେକ ବ୍ୟକ୍ତି ଇଟାଭାଟି କରିବା ପାଇଁ କହୁଥିଲେ। ମୁଁ ସେମାନଙ୍କୁ ବାରଣ କରିଥିଲି। କିନ୍ତୁ ଏବେ ଶୁଣୁଛି ଉକ୍ତ ବ୍ୟକ୍ତିମାନେ ମୋ କଥା ନ ମାନି ଇଟାଭାଟି କରିଛନ୍ତି। ଆଇନ ଅନୁଯାୟୀ, ସେମାନଙ୍କ ଉପରେ ନିଶ୍ଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ସ୍ୱାସ୍ଥ୍ୟକେନ୍ଦ୍ର ରାସ୍ତାରେ ଜମିଛି ଆବର୍ଜନା ପାଣି



ଚାରିଛକ,୨୪।୨(ସମିସ): ଚାରିଛକ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଥିବା କଲୋନୀବାସୀଙ୍କ ରାସ୍ତା ଉପରେ ଜମାହୋଇ ରହିଛି ଅଳିଆ ଆବର୍ଜନା ପାଣି। ପ୍ରକାଶ ଯେ, ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଶୌଚାଳୟର ଟାଙ୍କି ଭରିଯାଇଥିବାରୁ କଲୋନୀ ରାସ୍ତା ଉପରେ ଅଳିଆ ଆବର୍ଜନା ପାଣି ଜମା ହେବା ଫଳରେ ମଶାମାଛିଙ୍କ ଉପଦ୍ରବ ବଢ଼ିବା ସହ କଲୋନୀବାସୀ ଓ ସ୍ଥାନୀୟ ବାସିନ୍ଦା ଯାତାୟାତ କରିବାରେ ନାନା ପ୍ରକାର ଅସୁବିଧା ସୃଷ୍ଟି ହେଉଛି। ରାସ୍ତାରେ ପାଣି ଜମାହେବା ଫଳରେ ସେଥିରୁ ଦୁର୍ଗନ୍ଧ ବାହାରି ଚାରିଆଡ଼େ ଅପରିଷ୍କାର ହେବା ସହ ପରିବେଶ ପ୍ରଦୂଷଣ କରୁଥିବା ନେଇ ଅଭିଯୋଗ କରିଛନ୍ତି। ଖାଲି ସେତିକି ନୁହେଁ ଏହି ଦୂଷିତ ପାଣି ନିକଟରେ ଥିବା ବୋର୍‌ୱେଲ୍‌ର ପାନୀୟ ଜଳ ସହିତ ମିଶିଯାଉଛି। ତୁରନ୍ତ ଏହା ଉପରେ ଦୃଷ୍ଟି ଦେବାକୁ ସ୍ଥାନୀୟ ବାସିନ୍ଦା ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଏବଂ ଚାରିଛକ ସ୍ୱାସ୍ଥ୍ୟକେନ୍ଦ୍ର ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଜଣାଯାଇଛି।

## ଅଦିନିଆ ବର୍ଷାରେ ପନିପରିବା ଫସଲ ନଷ୍ଟ

ନୟାହାଟ,୨୪।୨(ସମିସ): ନୟାହାଟ ଅଞ୍ଚଳରେ ମଙ୍ଗଳବାର ସନ୍ଧ୍ୟାରେ ଅଦିନିଆ ପ୍ରବଳ ବର୍ଷା ହେବା ଫଳରେ ନୟାହାଟ ଅଞ୍ଚଳର ୬ଟି ପଞ୍ଚାୟତରେ ଫୁଲକୋବି, ବନ୍ଧାକୋବି, ପିଆଜ, ମୂଳା, କଲରା, ବିନ୍, ଟମାଟୋ ପ୍ରଭୃତି କଞ୍ଚା ପରିବା ପ୍ରବଳ ବର୍ଷା ହେବା ଫଳରେ ନଷ୍ଟ ହୋଇଯାଇଛି। ଏ ସମ୍ପର୍କରେ ଜଳଧାରି ଗ୍ରାମର ଚାଷୀ ବାନାମ୍ବର ବେହେରା, ମୁରୁଡ଼ା ଗ୍ରାମର ଚାଷୀ ଅଜୟ ରାଉତ, ବାବୁ ରାଉତ, ଗଡ଼ନିପାଣିଆ ଗ୍ରାମର ବାବାଜୀ ରାୟ, ସମୀର ରାୟ ପ୍ରମୁଖ କହିଛନ୍ତି ଅଦିନିଆ ବର୍ଷା ସବୁ ବିଗାଡ଼ିଦେଲା। କିଆରିରେ ବର୍ଷା ଜଳରେ ପନିପରିବା ସବୁ ଭାସୁଛି। ଚାଷୀଙ୍କୁ କ୍ଷତିପୂରଣ ଦେବା ପାଇଁ ସମାଜସେବୀ ଅଭିମନ୍ୟୁ ସିଂହ, ପ୍ରଣୟ ସାହୁ, ମକରଧ୍ୱଜ ସ୍ୱାଇଁ ପ୍ରମୁଖ ସରକାରଙ୍କ ନିକଟରେ ଦାବି କରିଛନ୍ତି।

## କୁଣ୍ଢେଇ କେନାଲ ବନ୍ଧ ରାସ୍ତା କାମ ଆରମ୍ଭ

● ନୟାହାଟରେ ଦୂର ହେବ ଟ୍ରାଫିକ୍ ସମସ୍ୟା

ନୟାହାଟ,୨୪।୨(ସମିସ): ଜଳସେଚନ ବିଭାଗ ଅଧୀନରେ ଥିବା କୁଣ୍ଢେଇ ମୁଖ୍ୟ କେନାଲର ଶ୍ରୀକୋଇଲିଠାରୁ ନୟାହାଟ କଲେଜ ଛକ ପର୍ଯ୍ୟନ୍ତ ଦୀର୍ଘ ୬ କିମି ରାସ୍ତା ପିଚୁ ଏବଂ ମେଣ୍ଟାଲ ମୋରମ୍ ହେବ ବୋଲି କାକଟପୁର ଜଳସେଚନ ବିଭାଗର ସହକାରୀ ଯନ୍ତ୍ରୀ ତପନ କୁମାର ନାୟକ ପ୍ରକାଶ କରିଛନ୍ତି। ଶ୍ରୀକୋଇଲିଠାରୁ ବାଇଦିପୋଡ଼ା ଅଢ଼େଇ କି.ମି. ପିଚୁ ଲାଗି ପ୍ରସ୍ତାବ ଥିବାବେଳେ ବାଇଦିପୋଡ଼ାଠାରୁ ନୟାହାଟ କଲେଜ ସାଢ଼େ ୩ କି.ମି. ମେଣ୍ଟାଲ ମୋରମ୍ ହେବ ବୋଲି ପାଣିଛତ୍ର ଜଳସେଚନ ବିଭାଗର ଯନ୍ତ୍ରୀ ରବୀନ୍ଦ୍ର ଦାସ ସୂଚନା ଦେଇ କହିଛନ୍ତି ଯେ ଉକ୍ତ କାର୍ଯ୍ୟକୁ ଓସିସି ସଂସ୍ଥା କରୁଥିବାବେଳେ କାମ କିପରି ଭଲ ହେବ ତାହାର ତଦାରଖ ଆମେ କରିବୁ। ଉକ୍ତ ରାସ୍ତା ନିର୍ମାଣ କାର୍ଯ୍ୟ ଶେଷ ହେଲେ ସେପଟ ଅଞ୍ଚଳର ପାନ ଚାଷୀମାନେ ସିଧା କେନାଲ ବନ୍ଧରେ ଆସି ନୟାହାଟ ପାନ ବଜାରରେ ପହଞ୍ଚିବେ। ନୟାହାଟରେ କିଛି ମାତ୍ରାରେ ଟ୍ରାଫିକ୍ ସମସ୍ୟା ଦୂର ହେବ।

## ନାବାଳିକା ନିଖୋଜ ଘଟଣା | ଏସ୍‌ଟିଏଫ୍ ଗଠନ ପାଇଁ ପୁରୀ ଏସ୍‌ପିଙ୍କୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

କଟକ, ୨୪।୨ (ସମିସ): ୨୦୨୩ ମସିହାରୁ ଏକ ନାବାଳିକା ଅପହରଣ ମାମଲା ବିଚାରାଧୀନ ଥିଲେ ମଧ୍ୟ ଏପର୍ଯ୍ୟନ୍ତ ନାବାଳିକାଙ୍କୁ ଉଦ୍ଧାର କରାଯାଇ ନପାରିବା ନେଇ ହାଇକୋର୍ଟ ଗଭୀର ଉଦବେଗ ପ୍ରକାଶ କରିଛନ୍ତି। ଏହାକୁ ଦୁର୍ଭାଗ୍ୟଜନକ ବୋଲି କହିବା ସହ ପୁରୀ ଏସ୍‌ପିଙ୍କୁ ବ୍ୟକ୍ତିଗତ ଭାବେ ତଦନ୍ତର ତଦାରଖ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟ ବିଚାରପତି ଜଷ୍ଟିସ ହରୀଶ ଟଣ୍ଡନ ଓ ଜଷ୍ଟିସ ଏମ୍.ଏସ ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ସମ୍ପୃକ୍ତ ନାବାଳିକାଙ୍କ ପିତାଙ୍କ ଆବେଦନର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ପୂର୍ବରୁ ହାଇକୋର୍ଟ ଅନେକ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ପୁଲିସ ନାବାଳିକାଙ୍କୁ ଉଦ୍ଧାର କରିବାରେ ବିଫଳ ହୋଇଥିବା ଶୁଣାଣି ବେଳେ ସ୍ପଷ୍ଟ ହୋଇଥିଲା। ଏକ ସପ୍ତାହ ମଧ୍ୟରେ ଏକ ସ୍ୱତନ୍ତ୍ର ଟାସ୍କଫୋର୍ସ (ଏସ୍‌ଟିଏଫ୍) ଗଠନ କରିବାକୁ କୁହାଯାଇଛି। ଏସ୍‌ପି ନିଜେ ଏହି ତଦନ୍ତ ପ୍ରକ୍ରିୟାର ଅନୁଧ୍ୟାନ କରିବେ ଏବଂ ଆବଶ୍ୟକ ନିର୍ଦ୍ଦେଶ ପ୍ରଦାନ କରିବେ। ତଦନ୍ତରେ କ'ଣ ଅଗ୍ରଗତି ହୋଇଛି, ସେ ସମ୍ପର୍କରେ ଏସପିଙ୍କୁ କୋର୍ଟରେ ଏକ ରିପୋର୍ଟ ଦାଖଲ କରିବାକୁ ପଡ଼ିବ ବୋଲି ହାଇକୋର୍ଟ କହିଛନ୍ତି। ଏହି ମାମଲାର ପରବର୍ତ୍ତୀ ଶୁଣାଣି ୨୦୨୬ ମାର୍ଚ୍ଚ ୧୬ ତାରିଖକୁ ଧାର୍ଯ୍ୟ କରାଯାଇଛି।

● ମେଡିକାଲ ପରିସରରୁ ବାଇକ୍ ଚୋରି ଘଟଣା

## ଅଢ଼େଇ ମାସ ପରେ ବି ପୁଲିସର କାର୍ଯ୍ୟାନୁଷ୍ଠାନ ଶୂନ୍

ଭୁବନେଶ୍ୱର,୨୪।୨(ସମିସ): ଭୁବନେଶ୍ୱର ଭରତପୁର ଥାନା ଅଞ୍ଚଳର ଏକ ଘରୋଇ ହସ୍ପିଟାଲ ପରିସରରୁ ଏକ ବାଇକ୍ ଗତ ଡିସେମ୍ବର ୧୩ରେ ଅତି ରହସ୍ୟଜନକ ଭାବେ ଚୋରି ହୋଇଥିଲା। କେହି ଦୁର୍ବୃତ୍ତ ବାଇକ୍‌ର ହ୍ୟାଣ୍ଡେଲ ଲକ୍ ଭାଙ୍ଗି ଗାଡ଼ିଟିକୁ ଚୋରି କରିନେଇ ଖସି ପଳାଇଥିଲା। ଚୋରି ହୋଇଥିବା ବାଇକ୍‌ଟିର ନମ୍ବର ଓଡି ୦୫ ଏନ୍ ୪୮୩୩ (ହୁଣ୍ଡା ସାଇନ୍)। ଏ ସମ୍ପର୍କରେ ପୁରୀ ଜିଲ୍ଲା ନିମାପଡ଼ା ଥାନା ଆଳିପିଙ୍ଗଳ ଗ୍ରାମର ବାଇକ୍ ଚାଳକ ଅରଜିତ୍ ମିଶ୍ର ଭରତପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଗାଡ଼ି ଚୋରି ହେବା ଇତି ମଧ୍ୟରେ ପ୍ରାୟ ଅଢ଼େଇ ମାସ ପରେ ବି ପୁଲିସ ଏ ସମ୍ପର୍କରେ ଥାନାରେ କୌଣସି ମାମଲା ରୁଜୁ କରିନାହିଁ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ସିସିଟିଭି ଯାଞ୍ଚ ନ କରି କୌଣସି ତଦନ୍ତ କରି ନ ଥିବା ଜଣାପଡ଼ିଛି। ଏ ସମ୍ପର୍କରେ ଥାନା ଅଧିକାରୀଙ୍କୁ ଗାଡ଼ି ଚାଳକ ଭେଟି ବାରମ୍ବାର ଅବଗତ କରାଇଥିଲେ ମଧ୍ୟ ପୁଲିସ କୌଣସି ପଦକ୍ଷପ ନ ନେଇ କାଳକ୍ଷେପଣ ନୀତି ଅବଲମ୍ବନ କରିଛନ୍ତି। ଏ ଦିଗରେ ପୁଲିସ ବିଭାଗର ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେଇ ବିହିତ ପଦକ୍ଷେପ ନେବା ସହ ଏକ ମାମଲା ରୁଜୁ କରିବାକୁ ଗାଡ଼ି ଚାଳକ ଦୃଢ଼ ଦାବି କରିଛନ୍ତି।

## ନଡ଼ିଆ ବ୍ୟବସାୟୀ ଗଜେନ୍ଦ୍ରଙ୍କ ପରଲୋକ



ସାକ୍ଷୀଗୋପାଳ,୨୪।୨(ସମିସ): ସତ୍ୟବାଦୀ ବ୍ଲକ୍ ପେଣ୍ଠପଡ଼ା ପଞ୍ଚାୟତ ହରିଶରଣପୁର ଗ୍ରାମର ପ୍ରତିଷ୍ଠିତ ନଡ଼ିଆ ବ୍ୟବସାୟୀ ଗଜେନ୍ଦ୍ର ମହାପାତ୍ରଙ୍କର ମଙ୍ଗଳବାର ସକାଳ ୭ଟା ୫୦ରେ ନିଜସ୍ୱ ବାସଭବନରେ ଦେହାନ୍ତ ହୋଇଯାଇଛି। ମୃତ୍ୟୁବେଳକୁ ତାଙ୍କୁ ୬୪ ବର୍ଷ ବୟସ ହୋଇଥିଲା। ଦୀର୍ଘଦିନ ଧରି କର୍କଟ ରୋଗରେ ପୀଡ଼ିତ ହୋଇ ସେ ଭୁବନେଶ୍ୱର ଏମ୍ସ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ପୁଅ, ବୋହୂ, ଝିଅ, ସ୍ତ୍ରୀ, ଭାଇ, ଭଉଣୀଙ୍କ ସମେତ ପରିବାରର ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ। ତାଙ୍କ ଦେହାନ୍ତ ଖବର ପ୍ରଚାରିତ ହେବା ପରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ଶେଷ ଦର୍ଶନ କରିଛନ୍ତି। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ଏକମାତ୍ର ପୁଅ ସମ୍ବିତ୍ ମହାପାତ୍ର ମୁଖାଗ୍ନି ଦେଇଥିଲେ। ସତ୍ୟବାଦୀର ନଡ଼ିଆ ବ୍ୟବସାୟକୁ ସେ ଏକ ନୂଆ ପରିଚୟ ପ୍ରଦାନ କରିଥିଲେ। ସାକ୍ଷୀଗୋପାଳ ନଡ଼ିଆକୁ ଦେଶର କୋଣ ଅନୁକୋଣରେ ପହଞ୍ଚାଇବାରେ ତାଙ୍କର ଉଦ୍ୟମ ବେଶ୍ ଉଲ୍ଲେଖନୀୟ। ସେ କେବଳ ଜଣେ ସଫଳ ବ୍ୟବସାୟୀ ନ ଥିଲେ ବିଭିନ୍ନ ସାମାଜିକ ସଂଗଠନ ସହିତ ଯୋଡ଼ି ହୋଇ ଅସହାୟ ଲୋକଙ୍କୁ ସାହାଯ୍ୟ କରିବାରେ ସେ ଅଗ୍ରଣୀ ଥିଲେ। ତାଙ୍କର ଏହି କାର୍ଯ୍ୟକୁ ସମ୍ମାନ ଦେଇ ତାଙ୍କ ପରିବାର ଲୋକେ ତାଙ୍କର ଚକ୍ଷୁଦାନ କରିଛନ୍ତି। ସୂଚନାଯୋଗ୍ୟ, ଗଜେନ୍ଦ୍ର ହେଉଛନ୍ତି ହରିଶରଣପୁର ଗ୍ରାମର ପ୍ରଥମ ବ୍ୟକ୍ତି, ଯାହାଙ୍କ ଚକ୍ଷୁଦାନ କରାଯାଇଛି।

● ସାହୁପଡ଼ା ପ୍ରିମିୟମ୍ ଲିଗ୍

## ଦୁଷ୍ମନ୍ତ ଇଲେଭେନ ଫାଇଟର ଚାମ୍ପିଅନ

କଣାସ,୨୪।୨(ସମିସ): କଣାସ ବ୍ଲକ୍ ଅନ୍ତର୍ଗତ ସାହୁପଡ଼ା ପଞ୍ଚାୟତ ସାହୁପଡ଼ା ଗ୍ରାମ ଖେଳ ପଡ଼ିଆରେ ମହାବୀର କ୍ରିକେଟ ଆସୋସିଏସନ ପକ୍ଷରୁ ଦ୍ୱିତୀୟ ବର୍ଷ ଏସ୍‌ପିଏଲ୍ ୨ ଉଦ୍‌ଯାପିତ



ହୋଇଯାଇଛି। ଏହି ପ୍ରତିଯୋଗିତାରେ ୫ଟି ଦଳ ଭାଗ ନେଇଥିଲେ। ଫାଇନାଲ ମ୍ୟାଚ୍‌ରେ ମାଷ୍ଟର୍ ଇଲେଭେନ ଓଲାହଣ ସହିତ ଦୁଷ୍ମନ୍ତ ଇଲେଭେନ ଫାଇଟର ସାହୁପଡ଼ା ମଧ୍ୟରେ ଖେଳାଯାଇଥିଲା। ମାଷ୍ଟର ଇଲେଭେନ ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇ ୧୦ ଓଭରରେ ସମସ୍ତ ୱିକେଟ ହରାଇ ୧୧୯ ରନ୍ କରିଥିଲା। ଜବାବରେ ଦୁଷ୍ମନ୍ତ ଇଲେଭେନ ଫାଇଟର ୮ ଓଭର୍‌ରେ ୨ଟି ୱିକେଟ୍ ହରାଇ ୧୨୦ ରନ୍ କରି ଚାମ୍ପିଅନ ହୋଇଥିଲା। ଉଦ୍‌ଯାପନୀ ଦିବସରେ ମୁଖ୍ୟ ଅତିଥି ଭାବେ ସମାଜସେବୀ ମୋହନ ପରିଡ଼ା, ଦୁଷ୍ମନ୍ତ ମଙ୍ଗରାଜ, ଦୀନକୃଷ୍ଣ ମଙ୍ଗରାଜ, ଯୋଗେଶ ସାମନ୍ତସିଂହାର, ଆଶୁତୋଷ ପାଇକରାୟ, ପ୍ରଫୁଲ୍ଲ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ବିଜେତା ଦଳକୁ ଟ୍ରଫି ସହିତ ୧୨ ହଜାର ଟଙ୍କା ଓ ରନର୍ସଅପ୍ ଦଳକୁ ଟ୍ରଫି ସହିତ ୧୦ ହଜାର ଟଙ୍କା ଅତିଥିମାନେ ପ୍ରଦାନ କରିଥିଲେ। ଖେଳ ପରିଚାଳନା କରିଥିଲେ ଦୁଷ୍ମନ୍ତ ସାମନ୍ତସିଂହାର, ବୁଲୁ ବଳିୟାରସିଂହ। ଆସୋସିଏସନର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

● ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ କିଶୋରୀ ମେଳା

## 'ବାଲ୍ୟ ବିବାହ ରୋକିବାରେ କିଶୋରୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ'



କୋଣାର୍କ,୨୪।୨(ସମିସ): ବାଲ୍ୟ ବିବାହର ମୂଳୋତ୍ପାଟନ ଦିଗରେ ସମାଜର ସବୁ ବର୍ଗର ଲୋକଙ୍କ ଭୂମିକା ରହିଛି। ତେବେ କିଶୋରୀମାନେ ଶିକ୍ଷିତ ଓ ସଚେତନ ହେଲେ ବାଲ୍ୟ ବିବାହ ପରି ସାମାଜିକ ଅପରାଧକୁ ରୋକାଯାଇପାରିବ ବୋଲି ଆଇସିଡିଏସ୍ ପକ୍ଷରୁ ଆୟୋଜିତ କିଶୋରୀ ମେଳାରେ ବକ୍ତାମାନେ ମତବ୍ୟକ୍ତ କରିଛନ୍ତି। କିଶୋରୀମାନେ ହିଁ ଏ ଦିଗରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବେ ବୋଲି ମତ ପ୍ରକାଶ ପାଇଛି। ରାଜ୍ୟ ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ଗୋପ ବ୍ଲକ୍‌ର ବନାଖଣ୍ଡି ପଞ୍ଚାୟତ ଓ ସିମିଳି ପଞ୍ଚାୟତରେ କିଶୋରୀ ମେଳା-୨୦୨୬ ଅନୁଷ୍ଠିତ ହୋଇଯାଇଛି। ଗୋପ ସିଡିପିଓ ମିନାକ୍ଷୀ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ତଥା ଆଇସିଡିଏସ୍‌ର କୋଣାର୍କ ସେକ୍ଟର ସୁପରଭାଇଜର ବବିତା ସ୍ୱାଇଁଙ୍କ ସଂଯୋଜନାରେ ଆୟୋଜିତ କିଶୋରୀ ମେଳାରେ ଶତାଧିକ କିଶୋରୀ ଯୋଗଦେଇ 'ବାଲ୍ୟ ବିବାହ' ଶୀର୍ଷକ ବକ୍ତୃତା, ଝୋଟି ଓ ପୁଚି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ।

ମଙ୍ଗଳବାର ଆଇସିଡିଏସ୍ ସୁପରଭାଇଜର ବବିତା ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଭୈରବ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ସିଆର୍‌ସିସି ରବୀନ୍ଦ୍ରନାଥ ବାହିନୀପତି, ପ୍ରଧାନଶିକ୍ଷୟିତ୍ରୀ କାଜଲବାଳା ପରିଡ଼ା, ସ୍କୁଲ ପରିଚାଳନା କମିଟି ସଭାପତି ମଙ୍ଗରାଜ ସ୍ୱାଇଁ, ଶିକ୍ଷୟିତ୍ରୀ ବୈଜୟନ୍ତୀମାଳା ବିଶ୍ୱାଳ ଓ ଶିକ୍ଷୟିତ୍ରୀ ସ୍ୱର୍ଣ୍ଣଲତା ବେହେରା ଅତିଥି ରୂପେ ଯୋଗଦେଇ ବାଲ୍ୟ ବିବାହ ନିୟନ୍ତ୍ରଣ ସମ୍ପର୍କରେ ଆଲୋଚନା କରିବା ସହିତ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା କିଶୋରୀମାନଙ୍କୁ ପୁରସ୍କାର ବିତରଣ କରିଥିଲେ। ଉଭୟ ପଞ୍ଚାୟତର ସମସ୍ତ ଅଙ୍ଗନବାଡ଼ି କର୍ମୀ କିଶୋରୀ ମେଳାରେ ପରିଚାଳନାରେ ସହଯୋଗ କରିଥିଲେ।

## ମା' ବାଟମଙ୍ଗଳାଙ୍କ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ



ବ୍ରହ୍ମଗିରି,୨୪।୨(ସମିସ): ମଙ୍ଗଳବାରଠାରୁ ବ୍ରହ୍ମଗିରି ବ୍ଲକ୍ ବେଙ୍ଗମା ଗ୍ରାମରେ ମା' ବାଟମଙ୍ଗଳାଙ୍କ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ ଆରମ୍ଭ ହୋଇଛି। ଏହି ମହାଯଜ୍ଞ ସପ୍ତାହେ ଧରି ଚାଲିବାର କାର୍ଯ୍ୟକ୍ରମ ରହିଛିି୍ୟ ପ୍ରତ୍ୟହ ୭ଜଣ ବିଦ୍ୱାନ ପଣ୍ଡିତଙ୍କୁ ନେଇ ଏହି ମହାଯଜ୍ଞ ଚାଲିଛି। ସୋମବାର ପୁରୋହିତମାନଙ୍କ ଦ୍ୱାରା ବିଭିନ୍ନ କୋଠି କରାଯାଇ ଅଙ୍କୁରାରୋପଣ କରାଯାଇଥିଲା। ମଙ୍ଗଳବାର ପ୍ରାତଃରୁ ଜଳାଧିବାସ, ନଗର ପରିକ୍ରମା, ସୂର୍ଯ୍ୟ ପୂଜା, ଗୋପୂଜା, ଶାଳାପୂଜା, ଅଗ୍ନିସ୍ଥାପନ ହବନ ପରେ ନାମ ସଂକୀର୍ତ୍ତନ ଏବଂ ଭାଗବତ ପଠନ ହୋଇଥିଲା। ପ୍ରତ୍ୟେକ ଦିନ ମା'ଙ୍କ ପୀଠରେ ଭାଗବତ ଗୀତା ପଠନ ସହିତ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ହେବ ବୋଲି ବେଙ୍ଗମା ଗ୍ରାମବାସୀଙ୍କ ତରଫରୁ କୁହାଯାଇଛି। ଆସନ୍ତା ୨ ତାରିଖରେ ପୂର୍ଣ୍ଣାହୁତି ହେବାର କାର୍ଯ୍ୟକ୍ରମ ରହିଛି।

**ବ୍ୟାପକ ଅପମିଶ୍ରିତ ଖାଦ୍ୟ ବିକ୍ରି; ପ୍ରଶାସନ ନିରବଦ୍ରଷ୍ଟା**

# ଯାଞ୍ଚ ହେଉନି ଖାଦ୍ୟର ମାନ; ବାଜିରେ ଲୋକଙ୍କ ଜୀବନ

ବାଲୁଗାଁ,୨୪।୨(ସମିସ)

ସାରା ରାଜ୍ୟରେ ସମସ୍ତ ପ୍ରକାର ଖାଦ୍ୟ ସାମଗ୍ରୀରେ ବ୍ୟାପକ ପରିମାଣରେ ନକଲି ତଥା ଅପମିଶ୍ରଣ ହେଉଥିବା ଖବର ସାମ୍ନାକୁ ଆସିବା ପରେ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ଉ କରି ଧରପଗଡ଼ ଚାଲିଛି। ବିଧାନସଭାରେ ସ୍ୱାସ୍ଥ୍ୟ ମନ୍ତ୍ରୀ ରାଜ୍ୟରେ ମିଳୁଥିବା ପ୍ରାୟତଃ ଖାଦ୍ୟ ସାମଗ୍ରୀ ଭେଜାଲ ତଥା ଅପମିଶ୍ରିତ ହେଉଥିବା ସାଂଘାତିକ ତଥ୍ୟ ଉପସ୍ଥାପନା କରିଥିଲେ। ତଥ୍ୟ ଅନୁଯାୟୀ, ଖୋର୍ଦ୍ଧା ଜିଲ୍ଲାରେ ସର୍ବାଧିକ ଭେଜାଲ ତଥା ଅପମିଶ୍ରିତ ଖାଦ୍ୟ ସାମଗ୍ରୀ ମିଳୁଥିବା ଜଣାପଡ଼ିଛି। ଏପରିସ୍ଥଳେ ବାଲୁଗାଁ, ବାଣପୁର, ନାଚୁଣି ତଥା ସମଗ୍ର ଚିଲିକା ନିର୍ବାଚନମଣ୍ଡଳୀ ଅଞ୍ଚଳର ବଜାରରେ ଗଢ଼ି ଉଠିଥିବା ବ୍ୟାବସାୟିକ ପ୍ରତିଷ୍ଠାନ ଯଥା- ରାସନ ସାମଗ୍ରୀ, ପନିପରିବା, ମାଛ, ମାଂସ, ଫାଷ୍ଟ ଫୁଡ୍, ଜଳଖିଆ ଦୋକାନ, ହୋଟେଲ, କ୍ଷୀର, ଦହି, ଛେନା ଓ ମିଠା ଆଦି ଦୋକାନରେ ଦୈନନ୍ଦିନର ନିତ୍ୟ ବ୍ୟବହାର୍ଯ୍ୟ ଖାଦ୍ୟ







ସାମଗ୍ରୀ ଭେଜାଲ କରାଯାଇ ଖୁଲମ୍‌ଖୁଲା ବିକ୍ରି ଚାଲିଛି। ଅପମିଶ୍ରିତ ଖାଦ୍ୟ ବିକ୍ରି କରି ବ୍ୟବସାୟୀ ମାଲେମାଲ ହେଉଥିବାବେଳେ ଜନସାଧାରଣଙ୍କୁ ମୃତ୍ୟୁ ମୁଖକୁ ଠେଲି ଦିଆଯାଉଥିବା ନେଇ ବାରମ୍ବାର ଅଭିଯୋଗ ହୋଇ ଆସୁଥିଲେ ମଧ୍ୟ ପ୍ରଶାସନ ସବୁ ଜାଣି ନ ଜାଣିବା ଭଳି ନିରବଦ୍ରଷ୍ଟା ସାଜିଛି।

ଅପମିଶ୍ରିତ ତେଲ ଆଦି ଖାଦ୍ୟ ସାମଗ୍ରୀରେ ପ୍ରସ୍ତୁତ ଖାଦ୍ୟ ଦେଖିବାକୁ ସୁନ୍ଦର ଓ ପାଟିକୁ ସ୍ୱାଦିଷ୍ଟ ଲାଗୁଥିବା ସ୍ଥଳେ ଶରୀର ପାଇଁ ତାହା ବହୁ ହାନିକାରକ। ଏହି ଖାଦ୍ୟ ଖାଇବା ଦ୍ୱାରା ଲୋକେ ପରୋକ୍ଷରେ ଗ୍ୟାସ୍ ସମସ୍ୟା ଓ ଯାବତୀୟ ପେଟ ରୋଗରେ ଆକ୍ରାନ୍ତ ହେବା ସହ ପାକସ୍ଥଳୀ କ୍ୟାନ୍ସର, ଅଲ୍‌ସର, ଯକୃତ ଜନିତ ବିଭିନ୍ନ ସମସ୍ୟା ଆରମ୍ଭ ହୋଇ ଧୀରେ ଧୀରେ ଅନେକ ବଡ଼ ଧରଣର ରୋଗରେ ପଡ଼ି ରୋଗୀଙ୍କୁ ଆର୍ଥିକ, ଶାରୀରିକ ଯନ୍ତ୍ରଣାରେ ପକାଇଥାଏ। ପ୍ରାୟତଃ ବ୍ୟବସାୟୀ ସମସ୍ତ ଖାଦ୍ୟ ସାମଗ୍ରୀ ତଥା ଦୈନନ୍ଦିନର ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ତଥା ସୂର୍ଯ୍ୟମୁଖୀ ତେଲ, ସୋରିଷ ତେଲ, ଘିଅ, ଲହୁଣୀ, ଅଟା, ସୁଜି, ମଇଦା, ବିସ୍କୁଟ, ସ୍ନାକ୍ସ, ଛତୁଆ, ସୋୟାବିନ୍, ଟମାଟୋ ସସ୍, ଚିଲି ସସ୍, କ୍ଷୀର, ଛେନା, ଦହି, ପାଣି, ପାଉଁରୁଟି, ବିଭିନ୍ନ ମସଲା ଗୁଣ୍ଡ, ଚିନି, ପାମ୍ପଡ଼, ଚକୋଲେଟ୍, ନୁଡୁଲ୍, ଏପରିକି ଖାଇବା ଲୁଣ ପରି ଖାଦ୍ୟ ସାମଗ୍ରୀ ସମେତ ପିଲାମାନେ ଉତ୍ତମ ସ୍ୱାସ୍ଥ୍ୟ ଲାଗି ଦୈନନ୍ଦିନ ଖାଉଥିବା ହର୍ଲିକ୍ସ ମଧ୍ୟ ଏପରି ଅପମିଶ୍ରଣ ଓ ଭେଜାଲରୁ ବାଦ୍ ପଡ଼ିନି। ଏଥି ସହ ଆମିଷ ବଜାରରେ ଦୋକାନୀମାନେ ବହୁ ଦିନ ଧରି ସତେଜ୍ ରହିବା ପାଇଁ ମାଛ, ଚିଙ୍ଗୁଡ଼ି ଆଦିରେ ଫର୍ମାଲିନ୍ ଭଳି ମାରାତ୍ମକ କେମିକାଲ ସହ ଚିକେନରେ ମଧ୍ୟ କେମିକାଲ ପ୍ରୟୋଗ କରି ବିକ୍ରି କରୁଥିବା ଜଣାଯାଇଛି। ରାସ୍ତାଘାଟରେ ଛତୁ ଫୁଟିଲା ଭଳି ଜଳଖିଆ, ଫାଷ୍ଟ ଫୁଡ୍ ଦୋକାନ ଓ ହୋଟେଲରେ ନିମ୍ନମାନର ବିଭିନ୍ନ ଅପମିଶ୍ରିତ ତଥା ଭେଜାଲ ସାମଗ୍ରୀରେ ଖାଦ୍ୟ ପ୍ରସ୍ତୁତ କରି ବିକ୍ରି କରୁଥିବାବେଳେ ସବୁ ଖାଦ୍ୟ ନ ସରିଲେ ତାହାକୁ ଫ୍ରିଜ୍‌ରେ ରଖି ଗରମ କରି ବିକ୍ରି କରି ଲୋକଙ୍କୁ ରୋଗ କିଣିବାକୁ ବାଟ ଦେଖାଉଛନ୍ତି। ହେଲେ ବିଭାଗ ପକ୍ଷରୁ ଅଞ୍ଚଳରେ ବାରମ୍ବାର ଚଢ଼ଉ କରି ଖାଦ୍ୟର ମାନ ଯାଞ୍ଚ କରାଯାଉ ନ ଥିବାରୁ ଅପମିଶ୍ରଣ ଓ ଭେଜାଲ ସାମଗ୍ରୀ କାରବାର ବ୍ୟାପକ ବୃଦ୍ଧି ଘଟିଛି। ସ୍ୱାସ୍ଥ୍ୟକୁ ଗୁରୁତ୍ୱ ଦେଉଥିବା ରାଜ୍ୟ ସରକାର ଏହାକୁ ଗୁରୁତ୍ୱର ସହ ନେଇ ଜନସାଧାରଣଙ୍କ ଉତ୍ତମ ସ୍ୱାସ୍ଥ୍ୟ ଦୃଷ୍ଟିକୋଣରୁ ଏଭଳି ଅପମିଶ୍ରଣ ଓ ଭେଜାଲ ଖାଦ୍ୟ ସାମଗ୍ରୀ ଉପରେ ଅଙ୍କୁଶ ଲଗାଇବା ପାଇଁ ପଦକ୍ଷେପ ନେବା ସହିତ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ଦୃଢ଼ ଦାବି ହେଉଛି।

### ଭେଷଜ ମେଡିକାଲ କଲେଜ ସ୍ଥାପନ ଦାବି

# ଟ୍ରେଲର ଦେଖାଇଲେ ନୟାଗଡ଼ବାସୀ

ନୟାଗଡ଼,୨୪।୨(ସମିସ)






ରାଜ୍ୟ ସରକାର ହୋମିଓପାଥି ମେଡିକାଲ କଲେଜ ଘୋଷଣା କରି ନୟାଗଡ଼ ଜିଲ୍ଲାବାସୀଙ୍କୁ ଲଲିପପ ଧରାଇଛନ୍ତି। ଯାହାକୁ ବିରୋଧ କରି ନୟାଗଡ଼ବାସୀ ଆଜି ଟ୍ରେଲର ଦେଖାଇଛନ୍ତି। ସରକାର ଦାବି ନଶୁଣିଲେ ଜିଲ୍ଲା ବନ୍ଦ ଡାକରା ଦିଆଯିବା ସହ ପଶ୍ଚିମ ଓଡ଼ିଶା ଯାତାୟତ ଠପ କରି ଦିଆଯିବ ବୋଲି ମତ ପ୍ରକାଶ ପାଇଛି। ଦୀର୍ଘଦିନରୁ ନୟାଗଡ଼ ଜିଲ୍ଲା ସଦର ମହକୁମାରେ ଭେଷଜ ମେଡିକାଲ କଲେଜ ଦାବି ହୋଇ ଆସୁଥିଲା। ଓଡ଼ିଶା ବଜେଟ ୨୦୨୬-୨୭ରେ ନୟାଗଡ଼ରେ ହୋମିଓପାଥିକ ମେଡିକାଲ କଲେଜ ପ୍ରତିଷ୍ଠା ହେବା ନେଇ ଘୋଷଣା ପରେ ଜିଲ୍ଲାବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ସୃଷ୍ଟି ହୋଇଛି। ଆଜି ନୟାଗଡ଼ ଫାଉଣ୍ଡେସନ ପକ୍ଷରୁ ନୟାଗଡ଼ରେ ୧୨ ଘଣ୍ଟିଆ ବଜାର ବନ୍ଦ ଡାକରା ଦିଆ ଯାଇଥିଲା। ସକାଳ ୬ ଘଟିକା ଠାରୁ ସନ୍ଧ୍ୟା ୬ ଘଟିକା ପର୍ଯ୍ୟନ୍ତ ନୟାଗଡ଼ ବ୍ୟବସାୟୀ ସଂଘ ସମର୍ଥନରେ ପୂରା ନୟାଗଡ଼ ବନ୍ଦ ରହିଥିଲା। ନୟାଗଡ଼ର ସମସ୍ତ ବ୍ୟବସାୟୀ ସ୍ୱତଃ ସବୁ ଦୋକାନ ବନ୍ଦ କରି ନୟାଗଡ଼ ସଦର ମହକୁମାରେ ଭେଷଜ ମେଡିକାଲ କଲେଜ ପ୍ରତିଷ୍ଠା ଦାବିକୁ ସମର୍ଥନ ଜଣାଇଥିଲେ। ଅପରାହ୍ଣ ପ୍ରାୟ ୧ ଘଟିକା ସମୟରେ ନୟାଗଡ଼ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସାମ୍ନାରେ ପ୍ରତିବାଦ ସଭା କରିବା ସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଜିଲ୍ଲାପାଳ ମଧୁମିତା ରଥଙ୍କ ଜରିଆରେ ପ୍ରଦାନ କରାଯାଇଥିଲା। ଆଗାମୀ ଦିନରେ ସରକାର ଯଦି ନୟାଗଡ଼ ପ୍ରମୁଖ ଦାବି ଉପରେ କର୍ଣ୍ଣପାତ ନ କରନ୍ତି ତେବେ ଆନ୍ଦୋଳନ ତୀବ୍ରତର ହେବ ବୋଲି ନିଜର ଅଭିଭାଷଣରେ ଜୟ ନୟାଗଡ଼ ଫାଉଣ୍ଡେସନର ପ୍ରତିଷ୍ଠାତା ଶେଖ ଅବଦୁଲ ଆହାଦ କହିଥିଲେ। ଆଜିର ବନ୍ଦ ଡାକରାକୁ ସଫଳ କରିଥିବାରୁ ସମସ୍ତ ବ୍ୟବସାୟୀ, ସାମ୍ବାଦିକ ଏବଂ ଜୟ ନୟାଗଡ଼ ଫାଉଣ୍ଡେସନର କର୍ମକର୍ତ୍ତାଙ୍କୁ ଧନ୍ୟବାଦ ଦେଇଥିଲେ। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସାମନାରେ ପ୍ରତିବାଦ ସଭାରେ ପ୍ରତିଷ୍ଠାତାଙ୍କ ସମେତ ଉପଦେଷ୍ଟା ପ୍ରମୋଦ ପଟ୍ଟନାୟକ, ଶ୍ରମିକ ନେତା ବିଶ୍ୱନାଥ ମହାପାତ୍ର, ବରିଷ୍ଠ ଆଇନଜୀବୀ ମନୋଜ କୁମାର ସାହୁ, ବରିଷ୍ଠ ସାମ୍ବାଦିକ ବୈଦ୍ୟଭୂଷଣ ମହାପାତ୍ର, ସମାଜସେବୀ ଶ୍ରୀଧର ପ୍ରଧାନ, ଶାନ୍ତନୁ ବିଶୋଇ, ଗୋକୁଳ କୁମାର ଷଡ଼ଙ୍ଗୀ, ଛାତ୍ର କଂଗ୍ରେସ ସଭାପତି ଶିବରଞ୍ଜନ ସାହୁ, ସଂଗଠନର ସଂଯୋଜକ ଅମ୍ଲାନ ଅଂଶୁମାନ ସାହୁ, ଜୀବନ ଜ୍ୟୋତିପ୍ରକାଶ ରାଉତ, ଅରବିନ୍ଦ ପାଢ଼ୀ ପ୍ରମୁଖ ନିଜର ବକ୍ତବ୍ୟ ରଖିବା ସହ ରାକେଶ କୁମାର ସିଠ, ଅବଦୁଲ ଆଜିମ ଖାନ, ଓଁ ପ୍ରକାଶ ବିଶ୍ୱାଳ, ଅନୁରାଗ ସ୍ୱାଇଁ, ଦୀପଙ୍କର ପ୍ରଧାନ, ଲୋକେଶ କୁମାର ବେହେରା ପ୍ରମୁଖଙ୍କ ସହ ଶତାଧିକ ଫାଉଣ୍ଡେସନର କାର୍ଯ୍ୟକର୍ତ୍ତା ସାମିଲ ହୋଇଥିଲେ। ଏଠାରେ ପ୍ରକାଶ ଯୋଗ୍ୟ, ନୟାଗଡ଼ ଜିଲ୍ଲା ସଦରମହକୁମାରେ ଭେଷଜ ମେଡିକାଲ କଲେଜ ନିର୍ମାଣ ପାଇଁ ଜିଲ୍ଲାବାସୀ ଆଶା ରଖିଥିଲେ। ସେ ଆଶାକୁ ଆଜି ରାଜ୍ୟ ସରକାର ଧୂଳିସାତ କରି ଦେଇଛନ୍ତି। ନୟାଗଡ଼ ଜିଲ୍ଲା ପାଇଁ ହୋମିଓପାଥି ମେଡିକାଲ କଲେଜ ଘୋଷଣା କରାଯିବା ପରେ ଏହାକୁ ନେଇ ଜିଲ୍ଲାରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ନୟାଗଡ଼ ଜିଲ୍ଲାରେ ୮ଟି ବ୍ଲକ୍, ୪ଟି ଏନ୍ଏସି ଓ ୧ଟି ପୌରାଞ୍ଚଳ ରହିଛି। ଜିଲ୍ଲାର ଲୋକସଂଖ୍ୟା ୧୪ ଲକ୍ଷରୁ ଊର୍ଦ୍ଧ୍ୱ। ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ନୟାଗଡ଼ ଜିଲ୍ଲା ରାଜ୍ୟର ଅନ୍ୟ କେତେକ ଜିଲ୍ଲା ତୁଳନାରେ ବହୁ ପଛରେ ରହିଛି। ସରକାରୀ ଡାକ୍ତରଖାନା ମାଧ୍ୟମରେ ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆଯିବାର ପ୍ରୟାସ ଜାରି ରହିଥିବାବେଳେ ଡାକ୍ତର ଅଭାବ ଡାକ୍ତରଖାନା ଗୁଡ଼ିକୁ ରୋଗୀ ପ୍ରେରଣ କେନ୍ଦ୍ର ଭାବେ ପରିଚିତ କରୁଛି। ଏପରିକି ଜିଲ୍ଲା ସଦରମହକୁମାରେ ଉନ୍ନତ ଭିତ୍ତିଭୂମି ଥିବା ଡାକ୍ତରଖାନା ଏଥିରୁ ବାଦ ପଡୁନି। ନୟାଗଡ଼କୁ ପଶ୍ଚିମ ଓଡ଼ିଶାର ଦ୍ୱାର ବୋଲି କୁହାଯାଏ। ଆଦିବାସୀ ଅଧ୍ୟୁଷିତ ପଡ଼ୋଶୀ କନ୍ଧମାଳ, ବୌଦ୍ଧ ଜିଲ୍ଲାର ଶତାଧିକ ରୋଗୀ ପ୍ରତ୍ୟେକ ଦିନ ନୟାଗଡ଼ ଉପରେ ନିର୍ଭରଶୀଳ। କଟକ ଜିଲ୍ଲାର ନରସିଂହପୁର, ବଡ଼ମ୍ବା, କଳାପଥର, ଗଞ୍ଜାମ ଜିଲ୍ଲାର ଜଗନ୍ନାଥପ୍ରସାଦ, ବୁଗୁଡ଼ା, ଖୋର୍ଦ୍ଧା ଜିଲ୍ଲାର ବୋଲଗଡ଼ ଇତ୍ୟାଦି ସ୍ଥାନର ରୋଗୀମାନେ ଭୌଗୋଳିକ ଦୃଷ୍ଟି କୋଣରୁ ନୟାଗଡ଼ ଉପରେ ନିର୍ଭରଶୀଳ ଥିବାରୁ ସ୍ୱାସ୍ଥ୍ୟସେବା ପାଇଁ ପ୍ରତ୍ୟହ ଆସୁଛନ୍ତି। ନୟାଗଡ଼ ଜିଲ୍ଲା ଓ ଆଖପାଖ ଜିଲ୍ଲାବାସୀଙ୍କୁ ଉନ୍ନତମାନର ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ଓ ଜିଲ୍ଲାର ଶିକ୍ଷା ଭିତ୍ତିଭୂମିକୁ ଆହୁରି ସୁଦୃଢ଼ କରିବା ପାଇଁ ଭେଷଜ ମେଡିକାଲ କଲେଜର ଆବଶ୍ୟକାତ ରହିଥିବା ବେଳେ ରାଜ୍ୟ ସରକାର ହୋମିଓପାଥିକ ମେଡିକାଲ କଲେଜ ଘୋଷଣା କରିବା ପରିତାପର ବିଷୟ ବୋଲି ମତ ପ୍ରକାଶ ପାଇଛି।

● ୧୨ ଘଣ୍ଟିଆ ବଜାର ବନ୍ଦ ସଫଳ
● ଦାବି ନ ଶୁଣିଲେ ଜିଲ୍ଲା ବନ୍ଦ

## ବେଆଇନ ମାଙ୍କଡ଼ା ଚାଲାଣ; ଟ୍ରକ୍, ଟ୍ରାକ୍ଟର ଜବତ






ଓଡ଼ଗାଁ,୨୪।୨ (ସମିସ): ଓଡ଼ଗାଁ ଥାନା ପୁଲିସ ସୋମବାର ରାତିରେ ପାଟ୍ରୋଲିଂ କରୁଥିବା ବେଳେ ମଙ୍ଗଳବାର ଭୋର ସମୟରେ ରବି ଗାଡ଼ିଆ ପଞ୍ଚାୟତ ବଳଭଦ୍ରପୁରରୁ ଓଡି ୦୨ ବିକେ ୫୭୫୭ ନମ୍ବର ବିଶିଷ୍ଟ ମାଙ୍କଡ଼ା ପଥର ବୋଝେଇ ଟ୍ରକ୍‌କୁ ଜବତ କରିଥିଲେ। ସେହିପରି ଓଡି ୫ଜି ୭୮୬୭ ପଥର ବୋଝେଇ ଟ୍ରାକ୍ଟରକୁ ପାଣ୍ଡେରୀପଡ଼ା ନିକଟରୁ ଜବତ କରି ୨ ଚାଳକଙ୍କୁ ଗିରଫ କରିଥିଲେ। ପରବର୍ତ୍ତୀ ସମୟରେ ଥାନାରୁ ସେମାନଙ୍କୁ ଜାମିନରେ ଛଡ଼ାଯାଇଥିବା ଜଣାପଡ଼ିଛି। ଗିରଫ ଟ୍ରକ୍ ଡ୍ରାଇଭର ହେଲେ ସ୍ଥାନୀୟ ରଙ୍ଗଣୀ ପାଟଣା ପଞ୍ଚାୟତ ଗୋଡ଼ିପଲ୍ଲୀ ଗ୍ରାମର ପ୍ରତାପ ଦାସ ଏବଂ ଅନ୍ୟଜଣେ ଟ୍ରାକ୍ଟର ଡ୍ରାଇଭର ହେଲେ ସଞ୍ଜୟ ସେଠୀ। ପ୍ରକାଶ ଥାଉକି ନିୟମିତ ଭାବେ ବେଆଇନ୍ ଖଣିରୁ ପଥକଟା ଚାଲିଥିବା ବେଳେ ଖଣି ବିଭାଗ ଓ ପୁଲିସକୁ ଚକମା ଦେଇ ମାଫିଆଙ୍କ ଦ୍ୱାରା ପରିଚାଳିତ ତିନିସ୍ତରୀୟ ସୁରକ୍ଷା ବଳୟ ମଧ୍ୟରେ ପ୍ରତିଦିନ ଚୋରା ମାଙ୍କଡ଼ା ପଥର ବେଆଇନ ପରିବହନ ପ୍ରତିଦିନ ଲାଗିରହିଛି। ହେଲେ ସମୟକ୍ରମେ କେତେକ ବେଆଇନ ପଥର ଟ୍ରକ୍ ଜବତ ହେଉଥିବା ବେଳେ ଜରିମାନା ଅସୁଲ ପରେ ସେଗୁଡ଼ିକୁ ଛାଡ଼ିଦିଆଯାଉଛି। ଫଳରେ ପରବର୍ତ୍ତୀ ସମୟରେ ପୁନର୍ବାର ଗାଡ଼ିଗୁଡ଼ିକରେ ଚୋରା ମାଙ୍କଡ଼ା ପଥର ଚାଲାଣ ହେବା ଗତାନୁଗତିକ ପ୍ରକ୍ରିୟାରେ ପରିଣତ ହୋଇଯାଇଛି।

## ସ୍ୱାଧୀନତା ସଂଗ୍ରାମୀ ପୂର୍ଣ୍ଣଚନ୍ଦ୍ର ଦାସଙ୍କୁ ଶ୍ରଦ୍ଧାଞ୍ଜଳି



ଓଡ଼ଗାଁ,୨୪।୨(ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ପୂର୍ଣ୍ଣଚନ୍ଦ୍ର ଦାସଙ୍କ ଏକାଦଶାହ ଅବସରରେ ଓଡ଼ଗାଁ କଲ୍ୟାଣ ମଣ୍ଡପରେ କମ୍ରେଡ ବିଶ୍ୱନାଥ ମହାପାତ୍ରଙ୍କ ସଭାପତିତ୍ୱରେ ସ୍ମୃତିସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ବନ୍ଧୁପରିଜନ, ସ୍ଥାନୀୟ ବାସିନ୍ଦା ଓ ବିଭିନ୍ନ ସ୍ଥାନରୁ ଆସିଥିବା ବିଶିଷ୍ଟ ବ୍ୟକ୍ତିମାନେ ଯୋଗଦେଇ ତାଙ୍କ ତୈଳଚିତ୍ରରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଗାନ୍ଧିବାଦୀ ଚିନ୍ତାଧାରାର ପ୍ରେରକ ପୂର୍ଣ୍ଣଚନ୍ଦ୍ର ଦାସ ଶେଷ ଜୀବନ ପର୍ଯ୍ୟନ୍ତ ଖଦଡ଼ ବସ୍ତ୍ର ପରିଧାନ କରି ସ୍ୱଦେଶୀ ଆନ୍ଦୋଳନକୁ ଅଗ୍ରସର କରୁଥିଲେ। ତାଙ୍କ ପ୍ରୟାସରେ ବୋଲଗଡ଼ସ୍ଥିତ ଉତ୍କଳମଣି ଖଦି ଗ୍ରାମୋଦ୍ୟୋଗ ସଂଘର ସହଯୋଗରେ ଓଡ଼ଗାଁରେ ଖଦି ଉତ୍ପାଦନ କେନ୍ଦ୍ର ଖୋଲାଯାଇଥିଲା। ଢିଙ୍କି ସୋସାଇଟି ଗଠନ କରି ଗ୍ରାମାଞ୍ଚଳରେ ଢିଙ୍କି କୁଟା ଚାଉଳ ବ୍ୟବହାର ଓ ପରିବେଶ ସଫା ସୂତର ପାଇଁ ସେ ସଚେତନତା ସୃଷ୍ଟି କରୁଥିଲେ। ସରଳ ଜୀବନ ଓ ଉତ୍ତମ ବ୍ୟବହାର ପାଇଁ ସେ ସମସ୍ତଙ୍କ ହୃଦୟରେ ସ୍ଥାନ ଦଖଲ କରିଥିଲେ। ସଭାରେ ବ୍ଲକ୍ ରାସ୍ତାକୁ 'ସଂଗ୍ରାମୀ ପୂର୍ଣ୍ଣଚନ୍ଦ୍ର ମାର୍ଗ' ନାମକରଣ ପାଇଁ ଜିଲ୍ଲାପାଳଙ୍କୁ ଅବଗତ କରାଇବା ଓ ପ୍ରତିବର୍ଷ ଜଣେ ସମାଜସେବୀଙ୍କୁ 'ପୂର୍ଣ୍ଣଚନ୍ଦ୍ର ସ୍ମୃତି ସମ୍ମାନ' ପ୍ରଦାନ କରିବା ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ଡ. ବେଣୁଧର ଦାସଙ୍କ ସହିତ ଅନେକ ବ୍ୟକ୍ତି ସ୍ମୃତିଚାରଣ କରିଥିଲେ। କାର୍ଯ୍ୟକ୍ରମଟିକୁ ପୂର୍ଣ୍ଣ୍ୟାଦର୍ଶନ ସାହୁ ସଂଯୋଜନା କରିଥିଲେ।

## ଜବରଦଖଲ ଉଚ୍ଛେଦର ପ୍ରତିବାଦ

● ବିଧାୟକଙ୍କ ଭୂମିକାକୁ ନେଇ ଅସନ୍ତୋଷ

ଖଣ୍ଡପଡ଼ା,୨୪।୨(ସମିସ): ଗତ କିଛିଦିନ ତଳେ ଖଣ୍ଡପଡ଼ା ସହରର ତ୍ରିନାଥ ଛକ ଠାରୁ ରାସ୍ତାର ଉଭୟ ପାର୍ଶ୍ୱରେ ଅବସ୍ଥିତ ସରକାରୀ ଜାଗାରୁ ପ୍ରଶାସନ ଜବରଦଖଲ ଉଚ୍ଛେଦ ଅଭିଯାନ ଆରମ୍ଭ କରିଥିଲା। ଜବରଦଖଲ ଉଚ୍ଛେଦ ଅଭିଯାନରେ ତହସିଲ ପ୍ରଶାସନ ପାତରଅନ୍ତର ନୀତି ଆପଣେଇ ଥିବା ବେଳେ ଜବରଦଖଲ ଉଚ୍ଛେଦ ଅଭିଯାନ ପଛରେ ଖଣ୍ଡପଡ଼ା ବିଧାୟକଙ୍କ ଭୂମିକାକୁ ନେଇ ସୋମବାର ପୂର୍ତ୍ତବିଭାଗ ବଙ୍ଗଳା ପରିସରରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ନୟାଗଡ଼ ଜିଲ୍ଲା କଂଗ୍ରେସ କମିଟିର ସାଧାରଣ ସମ୍ପାଦକ ସତ୍ୟନାରାୟଣ ସୁର ଜଗଦେବ ସବିଶେଷ ସୂଚନା ପ୍ରଦାନ କରିବା ଅବସରରେ ବିଧାୟକଙ୍କୁ ଟାର୍ଗେଟ କରିଥିଲେ। ପ୍ରଶାସନ ପକ୍ଷରୁ ଜବରଦଖଲ ଉଚ୍ଛେଦ ଅଭିଯାନ ପରେ ବିଧାୟକ ଜନସାଧାରଣଙ୍କୁ ଭେଟି ସମବେଦନା ଜଣାଇବା ସହ ଜବରଦଖଲ ଉଚ୍ଛେଦ କରାଯାଇଥିବା ବ୍ୟକ୍ତିଙ୍କୁ ୫ ହଜାର ଟଙ୍କା ଲେଖାଁଏ ଆର୍ଥିକ ସହାୟତା ପ୍ରଦାନ ପାଇଁ ଘୋଷଣା କରିଥିଲେ। ମାତ୍ର ଅଦ୍ୟାବଧି କ୍ଷତିଗ୍ରସ୍ତଙ୍କୁ ସହାୟତା ରାଶି ମିଳି ନଥିବାରୁ ଏ ନେଇ ସମ୍ମିଳନୀରେ ବିଧାୟକଙ୍କ ପ୍ରତିଶ୍ରୁତିକୁ ନେଇ ପ୍ରଶ୍ନ ଉଠାଇଥିଲେ କଂଗ୍ରେସ ନେତା ଶ୍ରୀ ସୁର ଜଗଦେବ। ମେଗା ପାନୀୟ ପ୍ରକଳ୍ପର ଅଗ୍ରଗତି ନେଇ ବିଧାୟକ ଅଣ୍ଟା ଭିଡି ଏହି ଜବରଦଖଲ ଉଚ୍ଛେଦ ଅଭିଯାନକୁ ସ୍ୱାଗତ କରିବା ପରିତାପର ବିଷୟ ବୋଲି କଂଗ୍ରେସ ସମ୍ମିଳନୀରେ ମତ ପ୍ରକାଶ ପାଇଥିଲା। ସାମ୍ବାଦିକ ସମ୍ମିଳନୀରେ ସମସ୍ତ ଗଣମାଧ୍ୟମର ପ୍ରତିନିଧିଗଣ ଯୋଗ ଦେଇଥିଲେ।

● କାର୍ଯ୍ୟାନୁଷ୍ଠାନ ପରେ ବି ଚେତୁ ନାହାନ୍ତି ବ୍ୟବସାୟୀ

## ରାତିଅଧିଆ ଚାଲୁଛି ଗୁଟ୍‌ଖା ବେପାର

ନୟାଗଡ଼,୨୪।୨(ସମିସ): ନୟାଗଡ଼ ପୁଲିସ ଗୁଟ୍‌ଖା ମାଫିଆଙ୍କ ଉପରେ ବଡ଼ଧରଣର କାର୍ଯ୍ୟାନୁଷ୍ଠାନ ପରେ ବି ଅନେକ ବ୍ୟବସାୟୀ ରାତି ଅଧିଆ କାରବାର ଚଳାଇଥିବା ସୂଚନା ମିଳିଛି। ନୟାଗଡ଼ ଜିଲ୍ଲା ଇଟାମାଟି ଥାନା ପୁଲିସ ଗୋଟିଏ ପିକ୍‌ଅପ୍ ଭ୍ୟାନ ଜବତ କରିବା ସହ କମଳ ସାହୁର ଭାଇ ପ୍ରକାଶ ସାହୁ ଏବଂ ତାର ଦୁଇ ଜଣ ସହଯୋଗୀ ଶ୍ରୀକାନ୍ତ ମହାପାତ୍ର, ବିପିନ ବିହାରୀ ସ୍ୱାଇଁଙ୍କୁ ଗିରଫ କରିଥିଲା। ଏହି ଗୁଟ୍‌ଖା କାରବାରରେ କମଳଙ୍କ ଲିଙ୍କ ଜଣାପଡ଼ିବା ପରେ ତାଙ୍କୁ ଗିରଫ କରାଯାଇଥିଲା। ବାଲୁଗାଁ ଅଞ୍ଚଳରେ ପୁଲିସ ଚଢ଼ଉ କରି ଗୁଟ୍‌ଖା ଜବତ କରିବା ସହ ଗୋବିନ୍ଦ ସାହୁ ଓ ଭଗବାନ ସାହୁଙ୍କୁ ଗିରଫ କରିଥିଲା। ସେମାନେ କମଳ ଓ ପ୍ରକାଶ ସହ ମିଶି ବେପାର କରୁଥିବାରୁ ଉଭୟଙ୍କୁ ଉକ୍ତ ମାମଲାରେ ଅଭିଯୁକ୍ତ ଦର୍ଶା ଯାଇଥିବା ସୂଚନା ମିଳିଛି। ସେହିଭଳି ଭାବେ ଟାଉନଥାନା ପୁଲିସ ଖଣ୍ଡପଡ଼ା ରାସ୍ତା ମିଶ୍ର ଲେନ୍ ସାମ୍ନାରେ ରହିଥିବା ସନ୍ତୋଷ ସାହୁଙ୍କ ଗୋଦାମରେ ଚଢ଼ଉ କରି ଖଇନି ଓ ଗୁଟ୍‌ଖା ଜବତ କରିଥିବା ବେଳେ ସନ୍ତୋଷଙ୍କୁ ଗିରଫ କରିଥିଲା। କିଛିଦିନ ତଳେ ସଦରଥାନା ପୁଲିସ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଖୁଣ୍ଟୁବନ୍ଧ ନାରାୟଣୀ ମନ୍ଦିର ନିକଟରୁ ୨ଟି ଗୁଟ୍‌ଖା ବୋଝେଇ ପିକ୍‌ଅପ୍, ଗୋଟିଏ ଆଇଚର ଗାଡ଼ି ଜବତ କରିଥିଲା। ଏହା ପରେ ସ୍ୱପ୍ନେଶ୍ୱର କ୍ଲବ୍ ଘରୁ ୩ ଶହରୁ ଊର୍ଦ୍ଧ୍ୱ ବସ୍ତା ଗୁଟ୍‌ଖା ଜବତ କରିଥିଲା। ଏହାକୁ ନେଇ ମାଫିଆ କମଳଙ୍କ ନାମରେ ବିଭିନ୍ନ ଥାନାରେ ଏକାଧିକ ମାମଲା ରୁଜୁ ହୋଇଛି। ଗିରଫ ଅଭିଯୁକ୍ତଙ୍କୁ ଜାମିନ ନାମଞ୍ଜୁର ହେବାରୁ ସେମାନେ ଖୁଣ୍ଟୁବନ୍ଧ ଉପକାରାଗାରରେ ରଖାଯାଇଥିବା ସୂଚନା ମିଳିଛି। ୨ ଗୁଟ୍‌ଖା ମାଫିଆ ଓ ୩ ଜଣ ବ୍ୟବସାୟୀ ଜେଲରେ ରହିଥିବା ବେଳେ ଏବେ ଅନ୍ୟ କିଛି ବ୍ୟବସାୟୀ ରାତି ଅଧିଆ ଗୁଟ୍‌ଖା କାରବାର ଚଳାଇଥିବା ସୂଚନା ମିଳିଛି। ରାତିରେ କିଛି ବ୍ୟବସାୟୀ ଦାମି ଗାଡ଼ିରେ ଗୁଟଖା ଆଣି ନୟାଗଡ଼ର ଛୋଟ ଦୋକାନୀଙ୍କୁ ବିକ୍ରି କରୁଥିବା ଜଣାପଡ଼ିଛି। କେତେବେଳେ ରାତି ୧୨ଟାରେ ଗାଡ଼ି ଆସୁଛି, ତ ପୁଣି କେତେବେଳେ ରାତି ୪ଟାରେ ଗାଡ଼ି ଆସୁଛି। ଏହା ବାଦ ଅନ୍ୟ କିଛି ବ୍ୟବସାୟୀ ଅତି ଚତୁରତାର ସହ ସେମାନଙ୍କ କାରବାର ଚଳାଇଥିବା ଅଭିଯୋଗ ହେଉଛି। ଗୁଟ୍‌ଖା ଦରଠାରୁ ଦୁଇ ଗୁଣା ଦରରେ ବିକ୍ରି ହେଉଛି। ପୁଲିସ ଯେତେ ତତ୍ପର ହେଲେ ବି ଗୁଟଖା ବ୍ୟବସାୟୀମାନେ ଆହୁରି ଚତୁର ହୋଇପଡ଼ିଥିବା ଆଲୋଚନା ହେଉଛି। ଗୁଟ୍‌ଖା କାରବାର ବନ୍ଦ କରାଯିବା ଉପରେ ଜିଲ୍ଲା ପ୍ରଶାସନ ଓ ପୁଲିସ ପ୍ରଶାସନ ସ୍ୱତନ୍ତ୍ର ପଦକ୍ଷେପ ନେବାକୁ ଦାବି ହେଉଛି।

**ଦାମୀ ଗାଡ଼ିରେ ଆସୁଛି ଗୁଟ୍‌ଖା**

## କଂଗ୍ରେସ ପକ୍ଷରୁ ଥାନାରେ ଏତଲା




ନୟାଗଡ଼,୨୪।୨(ସମିସ): ଲୋକସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ପ୍ରତି ବ୍ୟକ୍ତିଗତ ଅପଶବ୍ଦ ପ୍ରୟୋଗ ବିଜେପିର ଅଭ୍ୟାସରେ ପରିଣତ ହୋଇଛି। କେନ୍ଦ୍ର ସରକାର ପ୍ରଧାନମନ୍ତ୍ରୀ ମୋଦୀ ମନ୍ତ୍ରୀମଣ୍ଡଳ ଦୁଇ ସହଯୋଗୀ କ୍ୟାବିନେଟ ମନ୍ତ୍ରୀ କିରଣ ରିଜିଜୁ ଏବଂ ହରଦୀପ ପୁରି ଓ ସାଂସଦ ନିଶିକାନ୍ତ ଦୁବେ ପ୍ରମୁଖଙ୍କୁ ଗିରଫ ଦାବିରେ ନୟାଗଡ଼ ଜିଲ୍ଲା କଂଗ୍ରେସ ପକ୍ଷରୁ ନୟାଗଡ଼ ଟାଉନ ଥାନାରେ ଏତଲା ଦିଆଯାଇଛି। ଲୋକସଭାରେ ବିରୋଧୀ ଦଳ ନେତା ତଥା କଂଗ୍ରେସର ସର୍ବମାନ୍ୟ ନେତା ରାହୁଲ ଗାନ୍ଧୀ ଦେଶର ଗୌରବ ବୃଦ୍ଧି ପାଇଁ ସଦାସର୍ବଦା ଚେଷ୍ଟିତ ଥିବାବେଳେ ଅସହିଷ୍ଣୁ ଶାସକ ଦଳ ବିଜେପି ପକ୍ଷରୁ ବାରମ୍ବାର ତାଙ୍କ ପ୍ରତି ଅପଶବ୍ଦ ପ୍ରୟୋଗ କରାଯାଉଛି। ଭାରତୀୟ ସଂସଦୀୟ ଶାସନ ବ୍ୟବସ୍ଥାର ସମସ୍ତ ବିଧିବ୍ୟବସ୍ଥା ଓ ଶାଳୀନତାର ସ୍ପଷ୍ଟ ଉଲ୍ଲଂଘନ କରି ଖୋଦ୍ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ ଜୀ ରାହୁଲ ଗାନ୍ଧୀଙ୍କୁ "ଦେଶର ସୁରକ୍ଷା ପ୍ରତି ବିପଦ' ବୋଲି ଆଖ୍ୟାଦେବା ଅତ୍ୟନ୍ତ ନିନ୍ଦନୀୟ। ବିବାଦୀୟ ଏପଷ୍ଟିନ୍ ଫାଇଲ୍ସରେ କେନ୍ଦ୍ରମନ୍ତ୍ରୀ ହରଦୀପ ସିଂହ ପୁରିଙ୍କ ନାମ ଉଲ୍ଲେଖ ହେବା ପ୍ରଘଟ ହେବା ପର ମୁହୂର୍ତ୍ତରେ ହିଁ ସେ ନୈତିକତା ଦୃଷ୍ଟିରୁ ଇସ୍ତଫା ଦେଇଦେବା କଥା। ଏପରିକି ସେ ବିବାଦୀୟ ଏପଷ୍ଟିନଙ୍କୁ ଏକାଧିକ ଥର ସାକ୍ଷାତ କରିଥିବା ସ୍ୱୀକାର କରିବା ପରେ ମଧ୍ୟ ବିରୋଧରେ କାର୍ଯ୍ୟାନୁଷ୍ଠାନ ତ ଦୂରର କଥା, ତାଙ୍କୁ ମନ୍ତ୍ରିମଣ୍ଡଳରୁ ଇସ୍ତଫା ଦେବା ପାଇଁ ମଧ୍ୟ କୁହାଯାଇନାହିଁ। "ଏପଷ୍ଟିନ' ପରି ଅତ୍ୟନ୍ତ ଘୃଣ୍ୟ ପ୍ରକରଣରେ ଶ୍ରୀ ପୁରିଙ୍କ ସଂପୃକ୍ତି ପାଇଁ ତାଙ୍କୁ ମନ୍ତ୍ରୀ ପରିଷଦରୁ ତୁରନ୍ତ ବରଖାସ୍ତ କରାଯିବା ସହ ତାଙ୍କୁ ଗିରଫ କରାଯାଇଛି। ଅପଶବ୍ଦ ପ୍ରୟୋଗ ପାଇଁ ମନ୍ତ୍ରୀ ରିଜିଜୁ ଓ ସାଂସଦ ଦୁବେଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଦାବିରେ ଆଜି ଜିଲ୍ଲା କଂଗ୍ରେସ ସଭାପତି ରଣଜିତ ଦାଶ ଟାଉନ ଥାନା ଆଇଆଇସିଙ୍କୁ ଲିଖିତ ଏତଲା ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଡିସିସି ଉପସଭାପତି ଫକୀର ଚରଣ ମଲ୍ଲ, ବିନୋଦିନୀ ମହାନ୍ତି, ଅମଜାଦ ଖାନ, ବିଭୁ ପ୍ରସାଦ ମିଶ୍ର, ସାଧାରଣ ସମ୍ପାଦକ ବ୍ରଜକିଶୋର ଲେଙ୍କା, ପୀତବାସ ଖୁଣ୍ଟିଆ, କୂଳେଶ ଚନ୍ଦ୍ର ମହାନ୍ତି, ସତ୍ୟନାରାୟଣ ସୁରଜଗଦେବ, ଜିଲ୍ଲା ମନରେଗା ସଂଯୋଜକ ପୂର୍ଣ୍ଣଚନ୍ଦ୍ର ସାନ୍ତ, ପ୍ରଦେଶ ଯୁବକଂଗ୍ରେସ ସମ୍ପାଦକ ପ୍ରତୀକ ମହାପାତ୍ର, ଖଣ୍ଡପଡ଼ା ନଗର କଂଗ୍ରେସ ସଭାପତି ସନ୍ତୋଷ ସାହୁ ଏବଂ ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ଶିବ ରଞ୍ଜନ ସାହୁ ପ୍ରମୁଖ ଦଳୀୟ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

## ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ: ବାପୁଜୀ କ୍ଲବ୍ ବିଜୟୀ

ଖଣ୍ଡପଡ଼ା,୨୪।୨(ସମିସ): ଖଣ୍ଡପଡ଼ା ସହରର ମଧୁବନ ମିନି ଷ୍ଟାଡିୟମ୍ ପରିସରରେ ଖଣ୍ଡପଡ଼ା ସ୍ପୋର୍ଟସ ଆସୋସିଏସନ ଆନୁକୂଲ୍ୟରେ ଚାଲିଥିବା ୭ମ ରାଜ୍ୟସ୍ତରୀୟ ମହେନ୍ଦ୍ର ସ୍ୱାଇଁ ମେମୋରିଆଲ କପ୍ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ମଙ୍ଗଳବାର ଅନୁଷ୍ଠିତ ୩ୟ ମ୍ୟାଚ୍‌ରେ ବାପୁଜୀ କ୍ଲବ୍ କଟକ ୨-୦ ଗୋଲ୍‌ରେ ସ୍ପୋର୍ଟସ ଆସୋସିଏସନ ଖଣ୍ଡପଡ଼ାକୁ ପରାସ୍ତ କରିଛି। ମୁଖ୍ୟ ରେଫରୀ ଭାବେ ବରିଷ୍ଠ କ୍ରୀଡ଼ାବିତ୍ ପ୍ରସନ୍ନ ନାୟକ ମ୍ୟାଚ୍‌କୁ ପରିଚାଳନା କରିଥିବାବେଳେ ତାଙ୍କୁ ଲାଇନ୍‌ରେ ସହାୟତା କରିଥିଲେ ବିଦେଶୀ ନାୟକ ଓ ପ୍ରଫୁଲ୍ଲ ବେହେରା। ଚତୁର୍ଥ ରେଫରୀ ଭାବେ ସୂର୍ଯ୍ୟକାନ୍ତ ଦଳବେହେରା ଦାୟିତ୍ୱ ତୁଲାଇଥିଲେ। ଅତିଥି ଭାବେ ବରିଷ୍ଠ ଡାକ୍ତର ପ୍ରଦୀପ କୁମାର ପାଇକରାୟ, ଖଣ୍ଡପଡ଼ା ବନାଞ୍ଚଳ ଅଧିକାରୀ ଦିଲ୍ଲୀପ କୁମାର ପଟ୍ଟନାୟକ, ଭାପୁର ବ୍ଲକ୍ ଉନ୍ନୟନ ଅଧିକାରୀ ସାରଦା ପ୍ରସନ୍ନ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ।

## ତହସିଲ କର୍ମଚାରୀଙ୍କ ପାଇଁ ନାହିଁ ସରକାରୀ ବାସଗୃହ




ଭାପୁର,୨୪।୨(ସମିସ): ତୃଣମୂଳସ୍ତରରେ ସରକାରୀ ସେବା ଯୋଗାଇ ଦେବାକୁ ସରକାର ଘୋଷଣା କରୁଛନ୍ତି। ଅନେକ କାର୍ଯ୍ୟାଳୟରେ କର୍ମଚାରୀ ଅଭାବ ଯୋଗୁଁ ସେବା ପ୍ରଦାନରେ ନାହିଁ ନ ଥିବା ଅସୁବିଧା ସୃଷ୍ଟି ହେଉଛି। ଯେଉଁ ଅଳ୍ପ କର୍ମଚାରୀ ଅଛନ୍ତି ସେମାନଙ୍କ ରହିବା ପାଇଁ ସରକାରୀ ବାସଗୃହ ନ ଥିବାରୁ କର୍ମଚାରୀମାନେ ଦୂରଦୂରାନ୍ତରୁ ଆସୁଛନ୍ତି, ନତୁବା ଆଖପାଖରେ ଚଢ଼ାଦରରେ ଘରଭଡ଼ା ନେଇ ହଇରାଣ ହେଉଛନ୍ତି। ପ୍ରସଙ୍ଗ କ୍ରମେ ନୟାଗଡ଼ ଜିଲ୍ଲା ଭାପୁର ତହସିଲଦାର କାର୍ଯ୍ୟାଳୟ କଥା ଆଲୋଚନା କରାଯାଇପାରେ। କାର୍ଯ୍ୟାଳୟରେ ଅନେକ ପଦବୀ ଖାଲି ରହିଛି। ତହସିଲରେ ୩୫ଜଣ କର୍ମଚାରୀ ରହିବା ସ୍ଥାନରେ ରହିଛନ୍ତି ୨୫ ଜଣ। ଏହି ୨୫ ଜଣ କର୍ମଚାରୀଙ୍କ ପାଇଁ ରହିଛି ମାତ୍ର ତିନୋଟି ସରକାରୀ ବାସଗୃହ। ସେହି ତିନୋଟି ମଧ୍ୟରୁ ଗୋଟିଏ ନିଆଁ ଲାଗି ନଷ୍ଟ ହୋଇଯାଇଛି। ଗତ ୮ ବର୍ଷ ହେଲା ପାଞ୍ଚ ଥରରୁ ଊର୍ଦ୍ଧ୍ୱ ଥର ସରକାରୀ କ୍ୱାଟର ନିର୍ମାଣ ପାଇଁ ଚାରି ଜଣ ତହସିଲଦାର ରଣପୁର, ନୟାଗଡ଼, ଖୋର୍ଦ୍ଧା ଓ ଖଣ୍ଡପଡା ନୟାଗଡ଼ ଜିଲ୍ଲାପାଳ, ଏଡିଏମ୍‌ଓ, ଗ୍ରାମ୍ୟ ଉନ୍ନୟନ ବିଭାଗ ନିର୍ବାହୀ ଯନ୍ତ୍ରୀ, ଯନ୍ତ୍ରୀଙ୍କୁ ଚିଠି କରି ଆସୁଛନ୍ତି। ହେଲେ ଏହି ଚିଠି ସବୁଥର ପ୍ରଥମ ପାହଚରୁ ଦ୍ୱିତୀୟ ପାହାଚକୁ ଆଗେଇ ପାରୁନି। ବାରମ୍ବାର ଚିଠି ପରେ ମଧ୍ୟ ଜିଲ୍ଲା ରାଜସ୍ୱ ମିଟିଂରେ ପାସ ହୋଇ ରାଜ୍ୟ ସରକାରଙ୍କ ନିକଟକୁ ଦାବି ଯାଇନାହିଁ। ବର୍ତ୍ତମାନ ଅଧିକାଂଶ କର୍ମଚାରୀ ଅଞ୍ଚଳରୁ ଯିବା ଆସିବା କରୁଥିବାରୁ କର୍ମଚାରୀମାନେ ଅଫିସରେ ଠିକ୍ ସମୟରେ ପହଞ୍ଚିବା କଷ୍ଟକର ହୋଇପଡୁଛି। ସରକାର ତୃଣମୂଳସ୍ତରକୁ ସରକାରୀ ସେବା ଯୋଗାଇ ଦେବାକୁ ଯେଉଁ ମହତ ଉଦ୍ଦେଶ୍ୟ ରଖି କାର୍ଯ୍ୟ କରୁଛନ୍ତି ତାହା କର୍ମଚାରୀ ଅଭାବ ସହ ସେମାନଙ୍କ ରହିବା ପାଇଁ ବାସଗୃହ ଯୋଗାଇ ଦେଇ ନ ପାରିବାରୁ ବାସ୍ତବ ଉଦ୍ଦେଶ୍ୟ ସଫଳ ହେଉନାହିଁ। ଭାପୁରରେ ତୁରନ୍ତ ୨୦ଟି ସରକାରୀ କ୍ୱାର୍ଟର ନିର୍ମାଣ ପାଇଁ ପଦକ୍ଷେପ ନେବା ସହ ଖାଲି ପଡ଼ିଥିବା କର୍ମଚାରୀ ପଦବୀ ପୂରଣ କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

**୪ ଜଣ ତହସିଲଦାର କଲେଣି ୫ଟି ଚିଠି**

## 'ବିକଶିତ ଭାରତ ଯୁବ ସଂସଦ' କାର୍ଯ୍ୟକ୍ରମ

ଓଡ଼ଗାଁ,୨୪।୨(ସମିସ): ଓଡ଼ଗାଁ ରଘୁନାଥ ସମବାୟ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷ ପରିସରରେ ଜାତୀୟ ସେବା ଯୋଜନା ୟୁନିଟ୍ ପକ୍ଷରୁ ଜିଲ୍ଲାସ୍ତରୀୟ ବିକଶିତ ଭାରତ ଯୁବ ସଂସଦ କାର୍ଯ୍ୟକ୍ରମ ନିମନ୍ତେ ମଙ୍ଗଳବାର ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଯୁବ ବର୍ଗଙ୍କୁ ଭାରତର ବିକାଶରେ ସାମିଲ୍ କରିବା, ସେମାନଙ୍କୁ ସେମାନଙ୍କ ମତ ରଖିବାର ସୁଯୋଗ ଦେବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ। ଏହି କାର୍ଯ୍ୟକ୍ରମ ଆସନ୍ତା ମାର୍ଚ୍ଚ ମାସ ୧ ତାରିଖ ରବିବାର ଦିନ ଆୟୋଜିତ ହେବ। ଏଥିରେ ଭାଗନେବା ପାଇଁ ୧୮ ରୁ ୨୫ ବର୍ଷ ବୟସ ମଧ୍ୟରେ କୌଣସି ଯୁବକ ଯୁବତୀ ଅନ୍‌ଲାଇନ୍ ମାଧ୍ୟମରେ ଚଳିତ ଫେବୃଆରୀ ୨୭ ତାରିଖ ୧୨ଟା ମଧ୍ୟରେ 'ମାଇଁ ଭାରତ ପୋର୍ଟାଲ୍'ରେ ନିଜ ନାମ ପଞ୍ଜୀକରଣ କରିପାରିବେ। ଉକ୍ତ କାର୍ଯ୍ୟକ୍ରମରେ ନୟାଗଡ଼ ଜିଲ୍ଲାର ସମସ୍ତ ମହାବିଦ୍ୟାଳୟରୁ ପ୍ରାୟ ୨୦୦ ଛାତ୍ରଛାତ୍ରୀ ଓ ଆବେଦନ କରିଥିବା ଯୋଗ୍ୟ ଯୁବବର୍ଗ ଅଂଶଗ୍ରହଣ କରିବେ। ସେମାନଙ୍କ ମଧ୍ୟରୁ ୫ ଜଣ ଛାତ୍ରଛାତ୍ରୀ ବା ଯୁବବର୍ଗ ଚୟନ ହୋଇ ଆଗାମୀ ଦିନରେ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଯୋଗଦେବେ। ଏହି କାର୍ଯ୍ୟକ୍ରମକୁ କ୍ରୀଡ଼ା ଓ ଯୁବ କଲ୍ୟାଣ ବିଭାଗ, ଭାରତ ସରକାର ଓ ଜାତୀୟ ସେବା ଯୋଜନା ସହଯୋଗ କରୁଛନ୍ତି। ଏହାକୁ ନେଇ ସାମ୍ବାଦିକ ସମ୍ମିଳନୀରେ ମହାବିଦ୍ୟାଳୟର ଅଧ୍ୟକ୍ଷ ରାଜକିଶୋର ସାହୁ ସୂଚନା ଦେଇଛନ୍ତି।

## ଜଳ ଯନ୍ତ୍ରଣାରେ ଛଟପଟ ଗ୍ରାମବାସୀଙ୍କ ବିକ୍ଷୋଭ

ଗଣିଆ,୨୪।୨(ସମିସ)



**ବ୍ଲକ୍ ସମ୍ମୁଖରେ ଧାରଣା**

ଦିନକୁ ଦିନ ଖରାର ପ୍ରକୋପ ବଢ଼ିବାରେ ଲାଗିଛି। ଆଗକୁ ନିଆଁ ବର୍ଷିବ ଏଥିରେ ସନ୍ଦେହ ନାହିଁ। ଦିନକୁ ଦିନ ଜଳସ୍ତର କମିବାକୁ ଲାଗିଥିବାରୁ ଜଳସଙ୍କଟ ଦେଖାଦେଲାଣି। ଗଣିଆ ବ୍ଲକ୍ ଛାମୁଣ୍ଡିଆ ପଞ୍ଚାୟତ ଘାଟିଆ ସାହିରେ ଦୀର୍ଘ ଦିନ ହେବ ଜଳ ସମସ୍ୟା ଲାଗି ରହିଛି। ପାନୀୟ ଜଳ ପାଇଁ ଗ୍ରାମବାସୀ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ମହିଳାମାନେ ଦୂରଦୂରାନ୍ତରରୁ ପାନୀୟ ଜଳ ସଂଗ୍ରହ କରୁଛନ୍ତି। ଗ୍ରାମରେ ଥିବା ନଳକୂପଟି ଅଚଳ ହୋଇ ପଡ଼ିରହିଛି। ଏ ନେଇ ସେମାନେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଠାରୁ ଆରମ୍ଭ କରି ସରପଞ୍ଚଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ଅଭିଯୋଗ କରିଥିଲେ ମଧ୍ୟ କିଛି ବି ଫରକ ପଡୁନାହିଁ। କେହି ବି ତାଙ୍କ ଅଭିଯୋଗ ଶୁଣିଲେ ନାହିଁ। ପାଣିଟୋପେ ପାଇଁ ଅଫିସରଙ୍କୁ ନେହୁରା ହେଲୁ କିନ୍ତୁ କେହି ଆମ ଦୁଃଖ ବୁଝିଲେନି ବୋଲି କହିଛନ୍ତି ଗ୍ରାମବାସୀ। ଜଳ ଯନ୍ତ୍ରଣା ଅସହ୍ୟ ହେବାରୁ ସେମାନେ ମଙ୍ଗଳବାର ଗଣିଆ ବ୍ଲକ୍ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହିତ ଧାରଣା ଦେଇଥିଲେ। ବିଭାଗୀୟ ଅଧିକାରୀଙ୍କ ଅପାରଗତା ଏବଂ ପଞ୍ଚାୟତର ଅସହଯୋଗକୁ ସେମାନେ ଦାୟୀ କରିଥିଲେ। ତେବେ ପାନୀୟଜଳ ଯୋଗାଣ ବିଭାଗର କନିଷ୍ଠ ଯନ୍ତ୍ରୀ ଘଟଣାସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କୁ ବୁଝାସୁଝା କରିଥିଲେ। ଗଣିଆ ସମିତି ସଭ୍ୟ ଫକୀର ମୋହନ ଡାକୁଆ ବିଭାଗୀୟ ସହକାରୀ ଯନ୍ତ୍ରୀଙ୍କୁ ଘଟଣା ସମ୍ପର୍କରେ ଜଣାଇବା ପରେ ଦୁଇଦିନ ଭିତରେ ଗ୍ରାମରେ ଥିବା ଜଳସଙ୍କଟର ସମାଧାନ କରିବାକୁ ପ୍ରତିଶ୍ରୁତି ଦେବାରୁ ଧାରଣା ହଟିଥିଲା। ଯଦି ସମସ୍ୟାର ସମାଧାନ ନ ହୁଏ ତେବେ ଆନ୍ଦୋଳନ ଆଗକୁ ତୀବ୍ରତର ହେବ ବୋଲି ଗ୍ରାମର ମହିଳା ମାୟା ଦଳେଇ ପ୍ରକାଶ କରିଛନ୍ତି। ଏପରିକି ଗ୍ରାମରେ ଗୋଟିଏ ନୂତନ ନଳକୂପ ଖନନ କରିବା ସହିତ ସୋଲାର ପ୍ରକଳ୍ପ ନିର୍ମାଣ କରିବାକୁ ସେମାନେ ଦାବି କରିଛନ୍ତି।

● ରାହୁଲ ଗାନ୍ଧୀଙ୍କ ପ୍ରତି ଅଶାଳୀନ ମନ୍ତବ୍ୟ ପ୍ରସଙ୍ଗ

# ଜିଲ୍ଲା କଂଗ୍ରେସ ପକ୍ଷରୁ ଏସ୍‌ପିଙ୍କୁ ଦାବିପତ୍ର



ଖୋର୍ଦ୍ଧା,୨୪।୨(ସମିସ): ଲୋକସଭା ବିରୋଧୀ ଦଳ ନେତା ତଥା ଜାତୀୟ କଂଗ୍ରେସର ଜାତୀୟସ୍ତରୀୟ ନେତା ରାହୁଲ ଗାନ୍ଧୀଙ୍କ ବିରୁଦ୍ଧରେ ଆଶାଳୀନ ମନ୍ତବ୍ୟ ପ୍ରତିବାଦରେ ଜିଲ୍ଲା କଂଗ୍ରେସ କମିଟି ଖୋର୍ଦ୍ଧା ପକ୍ଷରୁ କେନ୍ଦ୍ର ପେଟ୍ରୋଲିୟମ ଏବଂ ପ୍ରାକୃତିକ ବାଷ୍ପ ମନ୍ତ୍ରୀ ହରଦୀପ ସିଂହ ପୁରୀ, ସଂସଦୀୟ ବ୍ୟାପର ମନ୍ତ୍ରୀ କିରେନ ରିଜୁ, ଝାଡଖଣ୍ଡ ରାଜ୍ୟର ସାଂସଦ ନିଶିକାନ୍ତ ଦୁବେଙ୍କ ବିରୋଧରେ ଜିଲ୍ଲା ଆରକ୍ଷୀ ଅଧକ୍ଷକଙ୍କ ନିକଟରେ ଅଭିଯୋଗ କରାଯାଇଛି। ଅଭିଯୋଗ ଅନୁଯାୟୀ ବିରୋଧଦଳ ନେତାଙ୍କ ପ୍ରତି ଭାଜପା ନେତା ମନ୍ତ୍ରୀ ବିରୁଦ୍ଧରେ ଅପମାନଜନକ ମନ୍ତବ୍ୟ, ମାନହାନି ଏବଂ ଧମକପୂର୍ଣ୍ଣ ବ୍ୟବହାର କରୁଛନ୍ତି। ଏଭଳି ବ୍ୟବହାର ସଂସଦୀୟ ଶୈଳୀ, ସାମ୍ବିଧାନିକ ମାନଦଣ୍ଡ ଉଲ୍ଲଘନ କରୁଛି। ବିଏନ୍‌ଏସ ୨୦୨୩ ଅନୁଯାୟୀ ବିଚାରଯୋଗ୍ୟ ଅପରାଧ। ଏଥିସହିତ ପେଟ୍ରୋଲିୟମ ମନ୍ତ୍ରୀଙ୍କ ଦୋଷୀ ସାବ୍ୟସ୍ତ ପୂର୍ବତନ ଅପରାଧ ଜେଫ୍ରି ଏପଷ୍ଟାଇନ୍‌ଙ୍କ ସହିତ ଲିଙ୍କ୍ ଶିକାର କରାଯାଇଛି। ଯାହାକି ଆମେରିକାର ଡିପାର୍ଟମେଟ ଦ୍ୱାରା ପ୍ରକାଶିତ ଏପଷ୍ଟାଇନ ଫାଇଲରେ ପ୍ରକାଶ ପାଇଛି। ଜିଲ୍ଲା କଂଗ୍ରେସ ସଭାପତି ରାଜୀବ ପଟ୍ଟନାୟକଙ୍କ ନେତୃତ୍ୱରେ ନଗର କଂଗ୍ରେସ ସଭାପତି ରଣଜିତ ମହାପାତ୍ର ଏବଂ ଅନ୍ୟମାନେ ପ୍ରମୁଖ ଜିଲା ଆରକ୍ଷୀ ଅଧିକ୍ଷକଙ୍କ ଅନୁପସ୍ଥିତିରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶ୍ରୀନିବାସ ମହାନ୍ତିଙ୍କୁ ଦାବିପତ୍ର ଦେଇଛନ୍ତି।

**ମଣ୍ଡିରୁ ଧାନ ଉଠାଇଲାନି ମିଲର**

# କାଳବୈଶାଖୀ ବର୍ଷାରେ ୨୦୦ ବସ୍ତା ଧାନ ନଷ୍ଟ

ଜଟଣୀ,୨୪।୨(ସମିସ): ମଣ୍ଡିରୁ ଧାନ ଉଠାଇଲାନି ମିଲର। ଆଜି କାଳ ବୈଶାଖୀ ବର୍ଷାରେ ୨୦୦ରୁ ଉର୍ଦ୍ଧ ଧାନ ନଷ୍ଟ ହୋଇଯାଇଛି। ଫଳରେ ଧାରଣାରେ ବସିଛନ୍ତି ପ୍ରଭାବିତ ଚାଷୀ। ସୂଚନା ମୁତାବକ, ମଙ୍ଗଳବାର ଛଣଘର ସେବା ସମବାୟ ସମିତି ପକ୍ଷରୁ ଗ୍ରାମର ୪ଜଣ ଚାଷୀଙ୍କୁ ସେମାନଙ୍କ ଧାନ ମଣ୍ଡିରୁ ମିଲର ନେବା ପାଇଁ ଟୋକନ ପ୍ରଦାନ କରାଯାଇଥିଲା। ଟୋକନ ପାଇଥିବା ଚାଷୀ ସକାଳ ୬ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ମଣ୍ଡିରେ ନିଜ ନିଜ ଧାନ ବସ୍ତା ପକାଇ ମିଲରକୁ ଅପେକ୍ଷା କରିଥିଲେ ମଧ୍ୟ ମିଲର ଉକ୍ତ ମଣ୍ଡିରୁ ଟୋକନ ପାଇଥିବା ଚାଷୀଙ୍କ ଧାନ ଉଠାଇବାକୁ ଧାର୍ଯ୍ୟ ସମୟ ମଧ୍ୟରେ ଆସିନଥିବା ପ୍ରଭାବିତ ଚାଷୀ ଅଭିଯୋଗ କରିଛନ୍ତି। ମଙ୍ଗଳବାର



ଅପରାହ୍ନରେ କାଳ ବୈଶାଖୀ କାରଣରୁ ବର୍ଷା ହେବା ଫଳରେ ମଣ୍ଡିରେ ପଡିରହିଥିବା ଚାଷୀଙ୍କ ୨୦୦ରୁ ଉର୍ଦ୍ଧ ବସ୍ତା ଧାନ ବର୍ଷାରେ ଓଦା ହୋଇଯାଇଥିଲା। ଓଦା ଧାନକୁ ମିଲର ନେବ ନାହିଁ କହିବା ପରେ ଚାଷୀ ଅସନ୍ତୋଷ ପ୍ରକାଶ କରିବା ସହ ମିଲରର ଧାନ ନେବା ପାଇଁ ଉଦ୍ଦିଷ୍ଟ ଗାଡ଼ିକୁ ଅଟକାଇ ରଖିଥିଲେ। ମିଲରର ମନମାନି ବିରୁଦ୍ଧରେ ସ୍ଥାନୀୟ ଅଞ୍ଚଳର ଯୁବନେତା ପବିତ୍ର ବିଶ୍ୱାଳ, ସୁବାଶିଷ ପରିଡା, ପୂର୍ଣ୍ଣଚନ୍ଦ୍ର ପରିଡା, ବିନୟ ସାହୁ, ଅର୍ଜୁନ କୁମାର ରାଉତରାୟ, ବିରଞ୍ଚି ବେହେରା ପ୍ରମୁଖ ଗ୍ରାମବାସୀ ସୋସାଇଟି କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିବା ବିଜେଡି ଯୁବ ନେତା ପବିତ୍ର ବିଶ୍ୱାଳ ସୂଚନା ପ୍ରଦାନ କରିଛନ୍ତି। ଏହି ଘଟଣା ବିଷୟରେ ଛଣଘର କୁଶମାଟି ସୋସାଇଟିର

**ଧାରଣାରେ ଚାଷୀ**

ସଭାପତି ବସନ୍ତ ସ୍ୱାଇଁଙ୍କ କହିବା ମୁତାବକ ବୁଢାପଡାସ୍ଥ ମା'ତାରିଣୀ ମିଲର ୪ଜଣ ଚାଷୀଙ୍କ ଧାନ ନେବା ପାଇଁ ମଙ୍ଗଳବାର ସକାଳ ୧୧ଟା ସମୟ ଧାର୍ଯ୍ୟ କରିଥିଲେ। ମିଲର ଧାର୍ଯ୍ୟ ସମୟରେ ନ ଆସିବାରେ ଧାନ ବର୍ଷା ହେବା ଫଳରେ ଓଦା ହୋଇଗଲା। ମିଲର ଉକ୍ତ ଓଦା ଧାନକୁ ନେବା ପାଇଁ ମନା କରିବାରୁ ଚାଷୀ ମିଲର ଗାଡିକୁ ଅଟକାଇବା ସହ ଧାରଣା ଦେଇଛନ୍ତି।

## ମଦ ଜବତ, ୩ କୋର୍ଟ ଚାଲାଣ

ବେଗୁନିଆ,୨୪।୨ (ସମିସ): ଖୋର୍ଦ୍ଧା ଜିଲ୍ଲା ଅବକାରୀ ଅଧିକ୍ଷିକା ସୁମତି ତ୍ରିପାଠୀଙ୍କ ନିର୍ଦ୍ଦେଶ ଓ ସଦର ରେଞ୍ଜ ଅଧିକାରୀ ରାଧାକାନ୍ତ ଭୋଇଙ୍କ ତତ୍ତ୍ୱାବଧାନରେ ବେଗୁନିଆ ଅବକାରୀ ପୁଲିସ ଭାରପ୍ରାପ୍ତ ଅଧିକାରୀ ସଞ୍ଜୟ କୁମାର ସୁବୁଦ୍ଧିଙ୍କ ନେତୃତ୍ୱରେ ତିନୋଟି ସ୍ଥାନରେ ଚଢ଼ଉ ହୋଇଥିଲା। ଏଥିରୁ ମୋଟ ବିଦେଶୀ ମଦ ୯ ଲିଟର ସହ ବ୍ୟବହୃତ୍ ବାଇକ, ଦେଶୀ ମଦ ୧୦୫ ଲିଟର ସହ ନଗଦ ୧୨ ହଜାର ପାଞ୍ଚଶହ ଟଙ୍କା ଓ ୧୦ ଲିଟର ତାଡି ଜବତ ହୋଇଥିବା ବେଳେ ଅଭିଯୁକ୍ତ ୩ ଜଣଙ୍କୁ କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ମାନେ ହେଲେ ବେଗୁନିଆ ଅବକାରୀ ଥାନା ଅନ୍ତର୍ଗତ ଗିରିଗିରିଆ ଗ୍ରାମର ମଧୁ ପ୍ରଧାନ, ବାୟାପଲ୍ଲୀ ଗ୍ରାମର ସନାତନ ବଳିୟାର ସିଂହ ଓ ଗଞ୍ଜାମ ଜିଲ୍ଲା ବେରୁଆଁବାଡ଼ି ଗ୍ରାମର ଭଞ୍ଜ ବେହେରା।

## ସେବାୟତଙ୍କ ବିୟୋଗରେ ଶୋକସଭା



ଖୋର୍ଦ୍ଧା,୨୪।୨(ସମିସ): ଖୋର୍ଦ୍ଧା ଶ୍ରୀ ଲୋକେଶ୍ୱର ଦେବଙ୍କ ପୀଠରେ ନିଖିଳ ଉତ୍କଳ ମନ୍ଦିରାଧିଶ ପୂଜକ ମହାସଂଘ ପକ୍ଷରୁ ଏକ ବୈଠକ ସୋମବାର ଅନୁଷ୍ଠିତ ହୋଇଥିଲା। ଏଥିରେ ଗୁଣନିଧି ମହାପାତ୍ର ସଭାପତିତ୍ୱ କରିଥିଲେ। ସଂଘର ବରିଷ୍ଠ ସଭ୍ୟ ଶରତଚନ୍ଦ୍ର ମହାପାତ୍ରଙ୍କ ବିୟୋଗରେ ସ୍ମୃତିଚାରଣ କରାଯାଇଥିଲା। ତାଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ଦୁଇ ମିନିଟ ନୀରବ ପ୍ରାର୍ଥନା କରିଥିଲେ। ସର୍ଗତ ମହାପାତ୍ରଙ୍କ ସାଂଗଠନିକ ଦକ୍ଷତା ଉପରେ ସଦସ୍ୟମାନେ ଆଲୋକପାତ କରିଥିଲେ। ଦୀର୍ଘ ବର୍ଷ ଧରି ସେ ଖୋର୍ଦ୍ଧା, ବୋଲଗଡ଼, ବେଗୁନିଆ, ବାଙ୍କୀ, ଡମପଡ଼ା, ଆଠଗଡ଼, ତିଗିରିଆ, ବଡ଼ମ୍ବା, ଅନୁଗୁଳ, ଗଣିଆ, ଦଶପଲ୍ଲା, ଖଣ୍ଡପଡ଼ା, ନୟାଗଡ଼, ଶରଣକୂଳ ଇତ୍ୟାଦି ବୁଲି ସଂଗଠନକୁ ଦୃଢ଼ କରିଥିଲେ। ତାଙ୍କ ବିୟୋଗରେ ସଂଘର ଅପୂରଣୀୟ କ୍ଷତି ଘଟିଲା ବୋଲି ତ୍ରିଲୋଚନ ମହାପାତ୍ର କହିଥିଲେ। ବୈକୁଣ୍ଠ ନାଥ ମହାପାତ୍ର, ଖଗେଶ୍ୱର ମହାପାତ୍ର, କଂଗ୍ରେସ ମହାପାତ୍ର, ମନୋରଞ୍ଜନ ମହାପାତ୍ର, ମହେଶ୍ୱର ରଣା, ପଂଚାନନ ମହାପାତ୍ର ପ୍ରମୁଖ ସ୍ମୃତିଚାରଣ କରିଥିଲେ।

## ଗଞ୍ଜେଇ ଜବତ, ଜଣେ ଗିରଫ

ଟାଙ୍ଗୀ,୨୪।୨ (ସମିସ) : ଆଜି ଟାଙ୍ଗୀ ଅବକାରୀ ବିଭାଗୀୟ କର୍ମଚାରୀଙ୍କ ଧରପଗଡ ବେଳେ ସ୍ଥାନୀୟ ଚିଲିକା ଛକ ଠାରେ ଅଢେଇ କିଲୋଗ୍ରାମ ଗଂଜେଇ ଜବତ କରିବା ସହ ଅରୁଣ କୁମାର ବେହେରା ନାମକ ଜଣେ ଅଭିଯୁକ୍ତକୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଏହି ଧରପଗଡରେ ଅବକାରୀ ବିଭାଗ ସବ୍‌ଇନସପେକ୍ଟର ରମେଶ ଚନ୍ଦ୍ର ବାରିକ ଓ ଅନ୍ୟ କର୍ମଚାରୀ ସାମିଲ ଥିଲେ।

## ଶିକ୍ଷାବିତ୍‌ଙ୍କ ବିୟୋଗରେ ଶୋକ

ବେଗୁନିଆ,୨୪।୨(ସମିସ): ବେଗୁନିଆ ବ୍ଲକ କଣ୍ଟାବାଡ ପଞ୍ଚାୟତ ଅନ୍ତର୍ଗତ ମଲିପଦର୍ ଗ୍ରାମର ଶିକ୍ଷାବିତ୍ ପ୍ରସନ୍ନ କୁମାର ଦାଶଙ୍କର(୬୬) ମୁଖ ଗହ୍ୱର କର୍କଟ ରୋଗରେ ପୀଡିତ ହୋଇ ଚିକିତ୍ସାଧିନ ଅବସ୍ଥାରେ ମୃତ୍ୟୁ ବରଣ କରିଛନ୍ତି। ସେ ଜଣେ ପରୋପକାରୀ, ଶାନ୍ତ ସରଳ ଓ ନିଷ୍କପଟ ବ୍ୟକ୍ତି ଭାବରେ ଜଣାଶୁଣା ଥିଲେ। ତାଙ୍କ ମୃତ୍ୟୁରେ ଶୋକର ଛାୟା ଖେଳି ଯିବା ସହ ଗ୍ରାମ୍ୟ ଶ୍ମଶାନରେ ବଡ଼ପୁଅ ପ୍ରଭୁ କଲ୍ୟାଣ ଓ ସାନପୁଅ ବିଭୁ କଲ୍ୟାଣ ମୁଖାଗ୍ନି ଦେବା ପରେ ଅନ୍ତ୍ୟେଷ୍ଟିକ୍ରିୟା ସମାପନ ହୋଇଥିଲା।

## ସାମ୍ବାଦିକଙ୍କ ପିତୃ ବିୟୋଗ

ବେଗୁନିଆ,୨୪।୨ (ସମିସ): ବାଙ୍କୀ ଉପଖଣ୍ଡ ଅନ୍ତର୍ଗତ କିଆପଲ୍ଲା ଗ୍ରାମର ସାମ୍ବାଦିକ ଅଜୟ କୁମାର ପଣ୍ଡାଙ୍କ ପିତା ଦାଶରଥି(୮୦)ଙ୍କ ଚିକିତ୍ସାଧିନ ଅବସ୍ଥାରେମୃତ୍ୟୁ



ଘଟିଛି। ତାଙ୍କ ମୃତ୍ୟୁରେ ବାଙ୍କୀ ସାମ୍ବାଦିକ ସଂଘ ଓ ବେଗୁନିଆ ମିଡ଼ିଆ ହାଉସର କର୍ମକର୍ତ୍ତାମାନେ ଶୋକ ବ୍ୟକ୍ତ କରି ପରିବାରକୁ ସମବେଦନା ଜଣାଇଛନ୍ତି। ସ୍ୱର୍ଗତ ଶ୍ରୀ ପଣ୍ଡାଙ୍କ ମର ଶରୀରକୁ ଗ୍ରାମ୍ୟ ଶ୍ମଶାନରେ ଏକମାତ୍ର ପୁତ୍ର ଅଜୟ ମୁଖାଗ୍ନି ଦେବା ପରେ ସତ୍କାର କରାଯାଇଥିଲା।

## ବେଆଇନ ଆକାଉଣ୍ଟରେ କାରବାର; ଜଣେ ଗିରଫ



ଖୋର୍ଦ୍ଧା/ବେଗୁନିଆ,୨୪।୨(ସମିସ): ବେଆଇନ୍ ବ୍ୟାଙ୍କ ଆକାଉଣ୍ଟରେ ଲକ୍ଷାଧିକ ଟଙ୍କାର କାରବାର କରିଥିବା ଅଭିଯୋଗରେ ପୁଲିସ ଜଣଙ୍କୁ ଗିରଫ କରିଛି। ଗିରଫ ଜଣକ ହେଲେ କଟକ ବିଡାନାସି ଥାନା ଅନ୍ତର୍ଗତ ମଙ୍ଗଳାଛକ କୁଶିଆ ଗଳିର ଜ୍ଞାନରଞ୍ଜନ ସାହୁ (୩୮)। ପୁଲିସ ସୂଚନା ଅନୁସାରେ, ସାଇବର ଠକେଇ ରୋକିବା ଲାଗି ରାଜ୍ୟ ପୁଲିସ ପକ୍ଷରୁ ଅପରେସନ ସାଇବର କବଚ ଜାରୀ ରହିଛି। ଆସନ୍ତା ୨୭ ପର୍ଯ୍ୟନ୍ତ ଏହା ଚାଲିବ। ଇତିମଧ୍ୟରେ ବାଘମାରୀ ଥାନା ଅନ୍ତର୍ଗତ ଇଣ୍ଡିଆନ ବ୍ୟାଙ୍କରେ ଲେହଙ୍ଗର ମହେଶ୍ୱର ମହାରଣାଙ୍କ ଆକାଉଣ୍ଟରେ ବେନାମି ଦେଣନେଣ କରିଥିବା ପୁଲିସ ଜାଣିବାକୁ ପାଇଥିଲା। ଏହାର ତଦନ୍ତ ବେଳେ ମହେଶ୍ୱରଙ୍କ ସମ୍ପର୍କିୟ ଏହି ବେଆଇନ ଆକାଉଣ୍ଟକୁ ଚଳାଉଥିବା ପୁଲିସ ଜାଣିବାକୁ ପାଇ ତାକୁ ପୁରୀ ଲୋକନାଥ ମନ୍ଦିର ନିକଟରୁ ଗିରଫ କରିଛନ୍ତି। ସେ ବିଭିନ୍ନ ସମୟରେ ଏହି ଦୁଇ ଆକାଉଣ୍ଟ ଯୋଗେ ଲକ୍ଷ ଲକ୍ଷ ଟଙ୍କା ନେଣଦେଣ କରିଥିବା ସ୍ୱୀକାର କରିଛି। ତାଠାରୁ ବିଭିନ୍ନ ନାମଧାରୀ ଦୁଇଟି ପାସବୁକ୍, ଗୋଟିଏ ମୋବାଇଲ ଫୋନ୍‌କୁ ପୁଲିସ ଜବତ କରିଛି। ଏ ନେଇ ୫୪/୨୬ରେ ଏକ ମାମଲା ରୁଜୁ କରି ଜ୍ଞାନରଞ୍ଜନକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି।

## ଚୋରି ବାଇକ୍ ଫେରି ପାଇଲେ ମାଲିକ

ନିରାକାରପୁର,୨୪।୨ (ସମିସ): ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ଥାନା ପୁଲିସ ଜଣେ ବାଇକ ଚୋରକୁ ଗିରଫ କରିଥିବାବେଳେ ଗୋଟିଏ ବାଇକ ଉଦ୍ଧାର କରି ତା'ର ପ୍ରକୃତ ମାଲିକକୁ ହସ୍ତାନ୍ତର କରିଥିବା ଜଣାପଡିଛି। ଥାନା ଏସ୍‌ଆଇ ଦୀପଲିଶା ନାୟକ ବିଶେଷ ସୂତ୍ରରୁ ଖବର ପାଇ ବେଗୁନିଆ ଥାନା କଡବ ଦେଉଳି ଗ୍ରାମର ରାଜେଶ ସେଠୀକୁ ବାଇକ ଚୋରୀ ମାମଲାରେ



ଗିରଫ କରିବା ସହିତ ଏକ ଚୋରା ବାଇକ ଉଦ୍ଧାର କରିଥିଲେ। ଆଜି ଏସ୍‌ଆଇ ଶ୍ରୀମତୀ ନାୟକ ହରିରାଜପୁର କାକୁଡିଆ ଗ୍ରାମର ବାଇକ ମାଲିକ ମନୋଜ କୁମାର ଦାସଙ୍କୁ ତାଙ୍କ ବାଇକ ହସ୍ତାନ୍ତର କରି ଚୋରକୁ କୋର୍ଟ ଚାଲାଣ କରିଥିବା ଜଣାପଡିଛି। କିଛି ଦିନ ପୂର୍ବରୁ ଏସ୍‌ଆଇ ଶ୍ରୀମତୀ ନାୟକ ୧୫ଟି ଚୋରା ବାଇକ ଉଦ୍ଧାର କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରି ଉଚ୍ଚପଦସ୍ଥ ଅଧିକାରୀଙ୍କ ପ୍ରଶଂସାର ପାତ୍ର ହୋଇଥିଲେ।

## ଆଡ଼ିବନ୍ଧ ନିର୍ମାଣରେ ଅନିୟମିତତା ଅଭିଯୋଗ

ବେଗୁନିଆ,୨୪।୨ (ସମିସ): ବେଗୁନିଆ ବ୍ଲକ କଣ୍ଟାବାଡ ପଞ୍ଚାୟତ ଅନ୍ତର୍ଗତ ମଲ୍ଲିପଦର୍ (ବାସୁଦେବପୁର) ଗ୍ରାମରେ କ୍ଷୁଦ୍ର ଜଳସେଚନ ବିଭାଗ ପକ୍ଷରୁ ଭୋଇପଡିଆ ଆଡିବନ୍ଧ ନିର୍ମାଣ ଗତ ବର୍ଷ କାର୍ଯ୍ୟ ଆରମ୍ଭ ହୋଇଥିଲା। ଯାହାକି କାର୍ଯ୍ୟ ଆରମ୍ଭ ପୂର୍ବରୁ ସର୍ବ ସାଧାରଣଙ୍କୁ ଅବଗତ କରିବା ପାଇଁ ସୂଚନା ଫଳକ ଲଗାଇବାର ବ୍ୟବସ୍ଥା ଥିଲେ ହେଁ ତାହା ବର୍ତ୍ତମାନ ସୁଦ୍ଧା ଲାଗି ନ ଥିବାର ଦେଖିବାକୁ ମିଳୁଛି। ଏହି ଢ଼ଳେଇ ପାଇଁ ନିମ୍ନମାନର ବ୍ୟବହୃତ ସାମଗ୍ରୀକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇବାରୁ ଅଧାପନ୍ତରିଆ ଭାବେ କାର୍ଯ୍ୟ କରିଥିଲେ। ପୁର୍ନବାର ଗାଡୱାଲ କାର୍ଯ୍ୟ ଆରମ୍ଭ କରିଥିବା ବେଳେ ପାଣି ବ୍ୟବହାର ହୋଇ ନ ଥିବାରୁ ହାତ ମାରିଲେ ସିମେଣ୍ଟ ଗୁଡ଼ିକ ଝଡି ପଡୁ ଅଛି ବୋଲି ଲିଖିତ ଅଭିଯୋଗ କରିଛନ୍ତି। ଏପରିକି ଠିକାଦାର, ଉପରିସ୍ଥ ଅଧିକାରୀ ଓ ଯନ୍ତ୍ରୀଙ୍କ ସଲାସୁତୁରା ଯୋଗୁଁ ଖାମଖିଆଲ ନୀତିକୁ ଆପଣେଇ ଥିବାର ମଲିପଦର୍ ପାରିଜାତ କ୍ଲବର ସମ୍ପାଦକ ଡ. ଶିଶିର କୁମାର ଆଚାର୍ଯ୍ୟ, ସଭ୍ୟ ରବୀନ୍ଦ୍ର ବାରିକ, ମାଗୁଣି ସାମନ୍ତରାୟ, କୁଞ୍ଜ ବିହାରୀ ମହାପାତ୍ର, ଶରତ ଦାଶ,ଚକ୍ରଧର ମହାରଣାଙ୍କ ସମେତ ମୁଖ୍ୟମନ୍ତ୍ରୀ ଓ ଜିଲ୍ଲାପାଳଙ୍କୁ ଲିଖିତ ଭାବେ ଅବଗତ କରିଛନ୍ତି। ତୁରନ୍ତ ପ୍ରକଳ୍ପ କାର୍ଯ୍ୟ ଉପରେ ତଦନ୍ତ କରିବା ସହ ଆବଶ୍ୟକୀୟ ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ଦୁଇଟି ପୋକଲିନ ଜବତ, ଖଣି ମାଫିଆ ଫେରାର

ଟାଙ୍ଗୀ,୨୪।୨(ସମିସ) : ଦୀର୍ଘଦିନ ଧରି ରଣପୁର ତହସିଲ ଅଧିନସ୍ଥ ଚାନ୍ଦପୁର ଥାନା ପରିସରଭୁକ୍ତ ବଳରାମପୁର, ନୂଆପଡା, ନାକିଠଣା, ପଟିଆ, ଜଙ୍କିଆ ଅଞ୍ଚଳରେ ଗ୍ରାନାଇଟ ପଥର ଫଟାଇବା, ମାଙ୍କଡା ପଥର କାଟି ବଡ ବଡ ଗର୍ତ୍ତସୃଷ୍ଟିକରି ଜୀବଜନ୍ତୁ ଓ ସାଧାରଣ ଲୋକ ମାନଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କରିବା ନିତିଦିନିଆ ଘଟଣା  କିଛିଦିନ ତଳେ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ଖଣିବିଭାଗ ତରଫରୁ ଚଢ଼ାଉ କରାଯାଇ ଦୁଇଟି ହାଇୱା ଜବତ କରାଯାଇଥିଲା। ଦିନକୁ ଦିନ ଏହି ଖଣିଚୋରି ବେଫିକରରେ ଚାଲିଛି।  ଗତକାଲି ରଣପୁର ବ୍ଲକ କାର୍ଯ୍ୟାଳୟରେ ଜିଲ୍ଲାପାଳ ମଧୁମିତା ରଥ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଯୋଗଦେଇ ଥିଲେ। ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଜୁନିୟର ମାଇନିଙ୍ଗ ଅଫିସର ଦେବାଶିଷ ନାୟକ ଏବଂ ଚାନ୍ଦପୁର ଥାନା ପୁଲିସ ଦ୍ୱାରା ଅଚାନକ ଚଢ଼ାଉ କରାଯାଇଥିଲା। ଚାନ୍ଦପୁର ଥାନା ସବ ଇନସପେକ୍ଟର ଡି. ରବୀନ ଙ୍କ ରିପୋର୍ଟ ଅନୁଯାୟୀ ଦୁଇଟି ଜେ ସି ବି ପୋକଲିନ ଜବତ କରାଯାଇଥିଲା। ଦେଖଣାହାରିଙ୍କ ସୂଚନା ଅନୁଯାୟୀ ପାଞ୍ଚୋଟି ହାଇୱା ଘଟଣା ସ୍ଥଳରୁ ଖସି ଚାଲିଯାଇଥିଲେହେଁ ଖଣିବିଭାଗର ନୀରବତା ଏବଂ ରାଜନୈତିକ ଚାପଯୋଗୁ କେହି ବି ଗିରଫ ହୋଇପାରିଲେ ନାହିଁ ବୋଲି ଚାପା ଗୁଂଜରଣ ହେଉଛି।

## ଦୁର୍ଘଟଣାରେ ଗୁରୁତର ଛାତ୍ରଙ୍କୁ ଭେଟିଲେ ପ୍ରଧାନଶିକ୍ଷକ

ବେଗୁନିଆ,୨୪।୨(ସମିସ): ବେଗୁନିଆ ବ୍ଲକ ଅନ୍ତର୍ଗତ ଗୋପବନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ର ଶେଖ୍ ରିହାନଉଦ୍ଦିନ୍ ଚଳିତ ମାସ ୨୦ ତାରିଖରେ ଘରକୁ ଫେରୁଥିବା ବେଳେ ଅତର୍କିତ ଭାବେ କୁକୁର ଆକ୍ରମଣରୁ ରକ୍ଷା ପାଇବା ପାଇଁ ତଳେ ପଡି ବାମ ଗୋଡ଼ ଗୁରୁତର ଆହତ ହୋଇ ଭୁବନେଶ୍ୱରରେ ଚିକିତ୍ସିତ ହେଉଛନ୍ତି। ବେଗୁନିଆ ଜାଗ୍ରୀବାଡ ମୌଜାର ଶେଖ୍ ସିରାଜୁଦ୍ଦିନଙ୍କ ପୁତ୍ର ରିହା ଉଦ୍ଦିନର ଦୁର୍ଘଟଣା ହୋଇଥିବା ଖବର ପାଇ ପ୍ରଧାନଶିକ୍ଷକ ପ୍ରମୋଦ କୁମାର ସ୍ୱାଇଁ, ପଞ୍ଚସଖା ଶିକ୍ଷା ସେତୁ ସଙ୍ଗଠନର ଅଧ୍ୟକ୍ଷ ମାୟାଧର ମାର୍ଥା, ଉପାଧ୍ୟକ୍ଷ ଭବାନୀଶଙ୍କର ଜୟସିଂହ, ପରିଚାଳନା କମିଟିର ଅଧ୍ୟକ୍ଷା ପୁଷ୍ପଲତା ଜୟସିଂହ, ଉପାଧ୍ୟକ୍ଷ ସର୍ବେଶ୍ୱର ସାହୁ, ଶିକ୍ଷୟିତ୍ରୀ ସ୍ମୃତି ଶିଖା ବେହେରା, ମୋହିନୀକାନ୍ତ ଦାସ, ରିଶ୍ମାରଶ୍ମୀ ପାଇକରାୟ, ସାଧନ କେନ୍ଦ୍ର ସଂଯୋଜକ ସରୋଜ ବେହେରା ଓ ରବିନ୍ଦ୍ର କୁମାର ବେହେରା ଓ ଚତୁର୍ଥ ଶ୍ରେଣୀ କର୍ମଚାରୀ ବିରଞ୍ଚି ନାରାୟଣ ସାହୁ ପ୍ରମୁଖ ଉପସ୍ଥିତ ରହି ସମବେଦନା ଜଣାଇଛନ୍ତି।

## ସଚେତନତା ଅଭାବ; ଗାଡ଼ି ଚାଳକ ଜାଣିପାରୁନାହାନ୍ତି ଆଇଏମ୍‌ଏସ୍ ବ୍ୟବସ୍ଥା

ନିରାକାରପୁର, ୨୪।୨ (ସମିସ): ସଡ଼କ ଦୁର୍ଘଟଣାକୁ ହ୍ରାସ କରିବା ସହିତ ଅପରାଧ ନିୟନ୍ତ୍ରଣ କରିବାରେ ଇଣ୍ଟେଲିଜେଣ୍ଟ ଏନଫୋର୍ସମେଣ୍ଟ ମ୍ୟାନେଜମେଣ୍ଟ ସିଷ୍ଟମ (ଆଇଏମଏସ) ସହାୟକ ହୋଇଛି। ଦ୍ରୁତ ଗତିରେ ବିକାଶ ହେଉଥିବା ସଡକ ଭିତ୍ତିଭୂମି ମଧ୍ୟରେ ଯାନବାହନ ଚଳାଚଳର ପରିମାଣ ଯଥେଷ୍ଟ ବୃଦ୍ଧି ପାଇଛି, ଯାହାଦ୍ୱାରା ଅଧିକ ସଡ଼କ ଦୁର୍ଘଟଣା ଏବଂ ଟ୍ରାଫିକ ନିୟମ ଉଲ୍ଲଘନ ହୋଇଛି। ଅତ୍ୟାଧୁନିକ ଟ୍ରାଫିକ୍ ମନିଟରିଂ ସିଷ୍ଟମ ଉଲ୍ଲଘନକାରୀଙ୍କୁ ଚିହ୍ନଟ କରିବା ଏବଂ ମୋଟର ଚାଳକଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଉନ୍ନତ କ୍ୟାମେରା, ରାଡାର, ସ୍ପିଡ୍ ମନିଟରିଂ ଉପକରଣ ଏବଂ ଅନ୍ୟାନ୍ୟ ପ୍ରଯୁକ୍ତିବିଦ୍ୟା ବ୍ୟବହାର କରାଯାଇଛି। ଭାରତ ସରକାରଙ୍କ ସହଯୋଗରେ ରାଜ୍ୟ ସରକାରଙ୍କ ପରିବହନ ବିଭାଗ ଇଣ୍ଟେଲିଜେଣ୍ଟ ଟ୍ରାଫିକ୍ ମ୍ୟାନେଜମେଣ୍ଟ



ସିଷ୍ଟମ (ଆଇଏମ୍‌ଏସ୍) ର କାର୍ଯ୍ୟକାରିତା ଆରମ୍ଭ କରିଛନ୍ତି। ଏହି ପଦକ୍ଷେପକୁ ସମର୍ଥନ କରିବା ପାଇଁ ଆସନ୍ତା ପାଞ୍ଚ ବର୍ଷ ପାଇଁ ୮୮ କୋଟି ଟଙ୍କା ଆବଣ୍ଟନ କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ଉଭୟ ରାଜ୍ୟ ଏବଂ ଜାତୀୟ ରାଜପଥର ୫୪୮ କିଲୋମିଟର ଅନ୍ତର୍ଭୁକ୍ତ ହୋଇଛି। ଏହି ପର୍ଯ୍ୟାୟରେ ଅନ୍ତର୍ଭୁକ୍ତ ହୋଇଥିବା ରାସ୍ତାଗୁଡ଼ିକରେ ପାଣିକୋଇଲିରୁ ରାମେଶ୍ୱର, ଭୁବନେଶ୍ୱରରୁ ପୁରୀ, ପୁରୀରୁ କୋଣାର୍କ ଏବଂ କୋଣାର୍କରୁ ପିପିଲି ଅନ୍ତର୍ଭୁକ୍ତ। ୨୦୨୧ର ମୋଟର ଯାନ ଅଧିନିୟମ ସଂଶୋଧନ ଆଣି ଅପରାଧୀଙ୍କୁ ଦୋଷୀ ସାବ୍ୟସ୍ତ କରିବା ପାଇଁ ଉନ୍ନତ ଜ୍ଞାନ କୌଶଳ ବ୍ୟବହାରକୁ ସହଜ କରିଛି। ଏହିପରି ଏକ ପଦକ୍ଷେପ ହେଉଛି ଇଣ୍ଟିଗ୍ରେଟେଡ୍ ଏନଫୋର୍ସମେଣ୍ଟ ମ୍ୟାନେଜମେଣ୍ଟ ସିଷ୍ଟମ (ଆଇଏମଏସ)। ଯାହା କାର୍ଯ୍ୟକାରୀ କ୍ଷମତା ବୃଦ୍ଧି କରିବାକୁ ଲକ୍ଷ୍ୟ ରଖାଯାଇଛି। ଅତ୍ୟାଧୁନିକ ଜ୍ଞାନ କୌଶଳ ଲଗାଇ ଆଭିମୁଖ୍ୟ ମାଧ୍ୟମରେ ମୋଟର ଯାନ ଅଧିନିୟମର ଉଲ୍ଲଂଘନକାରୀଙ୍କ ବିରୁଦ୍ଧରେ ଆଇନଗତ କାର୍ଯ୍ୟକୁ କାର୍ଯ୍ୟକାରୀ କରିବା ଦିଗରେ ଆଇଏମଏସ ଏକ ପ୍ରମୁଖ ପଦକ୍ଷେପ ନେଉଛି। ପାଣିକୋଇଲି ରୁ ରାମେଶ୍ୱର, ଭୁବନେଶ୍ୱରରୁ ପୁରୀ, ପୁରୀରୁ କୋଣାର୍କ ଏବଂ କୋଣାର୍କରୁ ପିପିଲି ରାସ୍ତାରେ ସିସି କ୍ୟାମେରା ଲଗାଯାଇ ଦୁର୍ଘଟଣାମୁକ୍ତ କରିବାର ପ୍ରୟାସ ଆରମ୍ଭ ହୋଇଥିବାବେଳେ ପ୍ରକୃତରେ କିନ୍ତୁ ୧୬ ନଂ ଜାତୀୟ ରାଜପଥର ପାଣିକୋଇଲି ଠାରୁ ଖୋର୍ଦ୍ଧା ଜିଲ୍ଲା ରାମେଶ୍ୱର ପର୍ଯ୍ୟନ୍ତ ୨୦୨୧ ମସିହାରୁ ଏହି ଆଇଏମଏସ ସିଷ୍ଟମ କାର୍ଯ୍ୟ ଆରମ୍ଭ କରିଛି। କିନ୍ତୁ ବିଭାଗ ତରଫରୁ ଉଚିତ୍ ସଚେତନତାର ଅଭାବରୁ ଯାନବାହାନ ଚାଳକ ଏ ବିଷୟରେ ସମ୍ପୂର୍ଣ୍ଣ ବିବରଣୀ ପାଇ ପାରୁ ନାହାଁନ୍ତି। ଓଡ଼ିଶା ସରକାରଙ୍କ ପରିବହନ ବିଭାଗ ଏସଟିଏ ଦିଶା ପ୍ରୋଜେକ୍ଟ ମାଧ୍ୟମରେ ଘରୋଇ ସଂସ୍ଥା ଏନ୍ ଆଇ ଏସ ଫ୍ୟାସିଲିଟ ମ୍ୟାନେଜମେଣ୍ଟ ସର୍ଭିସ କମ୍ପାନୀ ଏହାର ତଦାରଖ ଓ ରକ୍ଷଣାବେକ୍ଷଣ ଦାୟିତ୍ୱ ନେଇ ଥିବାବେଳେ ପାଣିକୋଇଲଠାରୁ ରାମେଶ୍ୱର ପର୍ଯ୍ୟନ୍ତ ୨୪ ଜାଗାରେ କ୍ୟାମେରା ସିଷ୍ଟମ ଲଗାଯାଇ ଗାଡି ମୋଟର ଗତି ବିଧି ଉପରେ ନଜର ରଖାଯାଇଛି। ସେହିପରି ଗାଡ଼ିର ଗତି ମାପ କରୁଥିବା ଷ୍ଟାଣ୍ଡ ମୋଟ ୪୮ଟି ଲାଗିଥିବା ଜଣାପଡ଼ିଛି। କିନ୍ତୁ ଏହାର ରକ୍ଷଣାବେକ୍ଷଣ ଅଭାବରୁ ଏଗୁଡ଼ିକ କେଉଁ ସମୟରେ ରାସ୍ତା ଉପରକୁ  ଖସି ପଡ଼ିବ ତାହା କହି ହେବନି। ତଦାରଖ ଦାୟିତ୍ୱରେ ଥିବା କର୍ମଚାରୀ ମାନେ ପ୍ରତିଦିନ ଏକ ଗାଡି ଯୋଗେ ବୁଲି ଏହାର ଯାଞ୍ଚ କରୁଥିବାର୍ କହୁଥିଲେ ବି ବାସ୍ତବରେ ଲାଗିଥିବା ଯନ୍ତ୍ରପାତି ଓ ଲୁହା ଷ୍ଟାଣ୍ଡର ଅବସ୍ଥାକୁ ଉଚିତ୍ ରୂପେ ରକ୍ଷଣାବେକ୍ଷଣ ଆବଶ୍ୟକତା ରହିଛି।

## ପୂର୍ବତନ କେନ୍ଦ୍ରମନ୍ତ୍ରୀ କାହ୍ନୁଚରଣ ଲେଙ୍କାଙ୍କ ସ୍ମୃତିସଭା



ନିରାକାରପୁର,୨୪।୨ (ସମିସ): ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ହଜ ହସ୍ପିଟାଲ ପ୍ରତିଷ୍ଠାତା ସ୍ୱର୍ଗତ କାହ୍ନୁଚରଣ ଲେଙ୍କାଙ୍କ ଏକ ସ୍ମୃତି ଚାରଣ ସଭା ଖୋର୍ଦ୍ଧା ଜିଲ୍ଲା ହଜ ହସ୍ପିଟାଲ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଯୋଗେଶ କୁମାର ଛୋଟରାୟ ସଭାପତିତ୍ୱରେ ଅନୁଷ୍ଠିତ ଏହି ଶ୍ରଦ୍ଧାଞ୍ଜଳି ସଭାରେ ଅତିଥି ଭାବେ ହଜ ସରପଞ୍ଚ ଦମୟନ୍ତୀ ସାମନ୍ତରାୟ, ସମାଜସେବୀ ରବିନାରାୟଣ ମିଶ୍ର, ରବିନାରାୟଣ ସାମନ୍ତରାୟ, ମନୋରଞ୍ଜନ ବାହୁବଳେନ୍ଦ୍ର, ହସ୍ପିଟାଲ କର୍ତ୍ତୃପକ୍ଷ ରଞ୍ଜିତ ସାହୁ ଓ ହଜ ପୂର୍ବତନ ସରପଞ୍ଚ ରଞ୍ଜିତ ପାଟ୍ଟଶାଣୀ, ଅବସରପ୍ରାପ୍ତ ଶିକ୍ଷକ ଯୁଧିଷ୍ଠିର ବଡ଼ଜେନା, ଅବସରପ୍ରାପ୍ତ ଶିକ୍ଷକ ଶାନ୍ତନୁ କୁମାର ରାଉତରାୟ ପ୍ରମୁଖ ଉପସ୍ଥିତ ରହି ସ୍ୱର୍ଗତ ଲେଙ୍କାଙ୍କ ବହୁବିଧ ଗୁଣଗାନ କରିଥିଲେ।

